# ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ପାଳିତ










**ସମ୍ବଲପୁର, ୧।୪ (ସମିସ)**

ଜିଲ୍ଲା ପ୍ରେକ୍ଷାଳୟ 'ତପସ୍ୱିନୀ'ରେ ଜିଲ୍ଲା ପ୍ରଶାସନ ତଥା ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ବୁଧବାର ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ପାଳିତ ହୋଇଛି। ଏହି ଅବସରରେ ପ୍ରଶାସନ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଅବସ୍ଥାପିତ ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। 'ତପସ୍ୱିନୀ' ହଲ୍ ପ୍ରାଙ୍ଗଣରେ ଓଡ଼ିଶାର ବରପୁତ୍ର, ଉତ୍କଳ ସମ୍ମିଳନୀ ଏବଂ ଅନ୍ୟ ତଥ୍ୟକୁ ନେଇ ଏକ ଫଟୋ ପ୍ରଦର୍ଶନୀକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ।

ଓଡ଼ିଶା ଦିବସ ପାଳନ ଅବସରରେ 'ତପସ୍ୱିନୀ' ପ୍ରେକ୍ଷାଳୟରେ ଆୟୋଜିତ ସଭାରେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରୀ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁଧାଂଶୁ କୁମାର ଭୋଇ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଶୋକ କୁମାର ଭୋଇ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାତ୍ର ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ କଲ୍ୟାଣୀ ଦାଶ ସମ୍ମାନିତ ଅତିଥି ଥିଲେ। ଜିଲ୍ଲାପାଳ ଶ୍ରୀ ବୋନ୍ଦର ତାଙ୍କ ବକ୍ତବ୍ୟରେ ଓଡ଼ିଶା ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବରପୁତ୍ର ମାନେ ଆମର ଚିରନମସ୍ୟ ବୋଲି କହିଥିଲେ। ଭାଷାଭିତ୍ତିକ ରାଜ୍ୟରେ ଓଡ଼ିଶା ପ୍ରଥମେ ଗଠନ ହୋଇ ଭାରତରେ ଅନ୍ୟ ରାଜ୍ୟ ଗଠନ ଦିଗରେ ମାର୍ଗଦର୍ଶନ କରିଥିଲା। ଆଗାମୀ ୧୦ ବର୍ଷରେ ଆମ ରାଜ୍ୟ ଗଠନକୁ ୧୦୦ ବର୍ଷ ପୂର୍ତ୍ତି ହେବ, ଓଡ଼ିଶାକୁ ଏକ ବିକଶିତ ରାଜ୍ୟ ଭାବେ ଗଢ଼ିତୋଳିବାକୁ ଲକ୍ଷ୍ୟ ରଖାଯାଇଛି। ସେବେଯାଏ ଶିକ୍ଷା, ସ୍ୱାସ୍ଥ୍ୟ, ପର୍ଯ୍ୟଟନ ଆଦି ପ୍ରତ୍ୟେକ କ୍ଷେତ୍ରରେ ସମ୍ବଲପୁରକୁ ସମୃଦ୍ଧ କରିବାକୁ ଚେଷ୍ଟା କଲେ ଯାଇ ବିକଶିତ ଓଡ଼ିଶା ହୋଇପାରିବ ବୋଲି ସେ କହିଥିଲେ। ସେଥିପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସମ୍ବଲପୁର ହେଉଛି ଶିକ୍ଷାର ହବ୍ ଯେଉଁଠି ଆଇଆଇଏମ୍‌ଠାରୁ ଆରମ୍ଭ କରି ଭିମସାର୍ ପର୍ଯ୍ୟନ୍ତ ଅଛି କେବଳ ସେତିକି ନୁହେଁ ଆଗାମୀ ଦିନରେ ବିଶ୍ୱସ୍ତରୀୟ ଦକ୍ଷତା କେନ୍ଦ୍ର ମଧ୍ୟ ନିର୍ମାଣ କରାଯିବ। ପର୍ଯ୍ୟଟନ କ୍ଷେତ୍ରରେ ମଧ୍ୟ ସମ୍ବଲପୁରରେ ବହୁ ସମ୍ଭାବନା ରହିଛି। ସାହିତ୍ୟ, ସଂସ୍କୃତି, ଭାଷା ପାଇଁ ସମ୍ବଲପୁରର ପରିଚିତି ଅଛି ସେଥିପାଇଁ ସମ୍ବଲପୁରରେ କଳା ସାହିତ୍ୟ ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଓଡ଼ିଶା ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି ବୋଲି ସେ କହିଥିଲେ। ସମ୍ବଲପୁରକୁ ସମୃଦ୍ଧ କରିବା ପାଇଁ ଆମର ନିଜ କିଛି ନା କିଛି ଦାୟିତ୍ୱ ରହିଛି ଯାହାକୁ ଆମମାନଙ୍କୁ ସୁଚାରୁ ରୂପେ ନିର୍ବାହ କରିବାକୁ ପଡ଼ିବ ବୋଲି ଜିଲ୍ଲାପାଳ ଶ୍ରୀ ବୋନ୍ଦର ମତବ୍ୟକ୍ତ କରିଥିଲେ। ଓଡ଼ିଶା ଦିବସ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଭିନ୍ନ ସ୍କୁଲର ଛାତ୍ରୀମାନଙ୍କ ମଧ୍ୟରେ ଦଳଗତ ନୃତ୍ୟ ପ୍ରତିଯୋଗିତା କରାଯାଇ ଶ୍ରେଷ୍ଠ ବିବେଚିତ ଦଳକୁ ପୁରସ୍କୃତ କରାଯାଇଥିଲା। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସଂଯୁକ୍ତା କୁଲ୍ଲୁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଜିଲ୍ଲାପାଳ କାର୍ଯ୍ୟାଳୟ ଓ ଡିଆଇପିଆର୍‌ଓ ବିଭାଗର କର୍ମଚାରୀମାନେ ସହଯୋଗ କରିଥିଲେ।

## ଡିଏଭି ବୁର୍ଲା

ଶିକ୍ଷାନୁଷ୍ଠାନ ଡିଏଭି ବୁର୍ଲା ବିଦ୍ୟାଳୟରେ ଉତ୍କଳ ଦିବସ ପାଳିତ ହୋଇଯାଇଛି। ଏହି ଉତ୍ସବରେ ବିଦ୍ୟାଳୟ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ବେଦବାକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ସଙ୍ଗୀତ ଶିକ୍ଷକ ବିଶ୍ୱାସ ରାଉତଙ୍କ ନେତୃତ୍ୱରେ 'ବନ୍ଦେ ଉତ୍କଳ ଜନନୀ' ଗାନ କରାଯାଇଥିଲା। ମୁଖ୍ୟ ଅତିଥି ନିଜ ବକ୍ତବ୍ୟରେ ଓଡ଼ିଆ ଭାଷାର ଉନ୍ନତି ନିମନ୍ତେ ସମସ୍ତଙ୍କ ପ୍ରୟାସର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଶିକ୍ଷକ ବବୁଲୁ ବିଶି ନିଜ ବକ୍ତବ୍ୟରେ ଓଡ଼ିଆ ଭାଷାର କ୍ରମବିକାଶ ସହିତ ଏହି ଭାଷାର ମହନୀୟତା ବିଷୟରେ ଆଲୋଚନା କରିଥିଲେ। ଶିକ୍ଷକ ସଞ୍ଜୟ ସାହୁ ଓ ଶିକ୍ଷକ ବିରେନ୍ଦ୍ର ବିଶ୍ୱାଳ ଓଡ଼ିଆ ଭାଷାରେ ସ୍ୱରଚିତ କବିତା ପାଠ କରିଥିଲେ। ଶିକ୍ଷକ ସୁଶାନ୍ତ ସାହୁ ଓଡ଼ିଆ ଭାଷାକୁ ନେଇ ଏକ ଜଣାଅଜଣା କାର୍ଯ୍ୟକ୍ରମ ଶିକ୍ଷକ ଓ ବିଦ୍ୟାର୍ଥୀ ମାନଙ୍କ ମଧ୍ୟରେ ପ୍ରସ୍ତୁତ କରିଥିଲେ। ଉତ୍ସବକୁ ଶିକ୍ଷକ ମୀନକେତନ ଭୋଇ ସଂଯୋଜନା ତଥା ପରିଚାଳନା କରିବା ସହିତ ଦୀପକ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟ

ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟ, ସମ୍ବଲପୁରଠାରେ ସହକାରୀ ଶିକ୍ଷୟିତ୍ରୀ ଅନୁବିନ୍ଦା ଦାଶଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଏହି ଦିବସରେ ଛାତ୍ରଛାତ୍ରୀମାନେ ଓଡ଼ିଶା ଦିବସ ଉପଲକ୍ଷେ ବକ୍ତବ୍ୟ ରଖିବା ସହିତ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରିଥିଲେ। ଶିକ୍ଷକ ତନୟ ପ୍ରଧାନ, ଦୀପକ ଓରାମ ନିଜର ବକ୍ତବ୍ୟ ରଖିଥିବାବେଳେ ଅନୁବିନ୍ଦା ଦାଶ ସଭାପତିତ୍ୱ ବକ୍ତବ୍ୟ ଦେଇଥିଲେ। ଶେଷରେ ପ୍ରଧାନ ଶିକ୍ଷକ ସୁମିତା ପତ୍ରୀ ଛାତ୍ରଛାତ୍ରୀ ମାନଙ୍କୁ ଆଶୀର୍ବଚନ ଦେଇଥିଲେ। ଶିକ୍ଷୟିତ୍ରୀ ପଙ୍କଜିନୀ ନାୟକ ସଭା କାର୍ଯ୍ୟ ପରିଚାଳନା ଏବଂ ଶିକ୍ଷକ ପ୍ରଦୀପ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ମାନେଶ୍ୱର ପାଞ୍ଚଫୁଟ ହାଇସ୍କୁଲ

ମାନେଶ୍ୱର ବ୍ଲକ ଅଧୀନ ପାଞ୍ଚଫୁଟସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଓଡ଼ିଶା ଦିବସ ପାଳିତ ହୋଇଛି। ପ୍ରଧାନଶିକ୍ଷକ ସୁଶୀଲ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଓଡ଼ିଶାର ବରପୁତ୍ରମାନଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ ପରେ ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ଡନସନା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ କହିଥିଲେ। ପ୍ରଧାନଶିକ୍ଷକ ଶ୍ରୀ ପାଣିଗ୍ରାହୀ ଓଡ଼ିଶା ପ୍ରଦେଶ ଗଠନରେ ଓଡ଼ିଆ ସାହିତ୍ୟର ଭୂମିକା ସମ୍ପର୍କରେ ଆଲୋଚନା କରିବାସହ ଓଡ଼ିଆ ଭାଷାର ସମୃଦ୍ଧ କରିବା ସକାଶେ ଓଡ଼ିଆ ପତ୍ରିକା ଓ ଓଡ଼ିଆ ଖବରକାଗଜ ପଢ଼ିବାକୁ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଆୟୋଜିତ ପ୍ରବନ୍ଧ, ଚିତ୍ରାଙ୍କନ, କବିତା ପାଠ, କୁଇଜ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।




## ହୀରାକୁଦ ଶିଶୁ ମନ୍ଦିର

**ହୀରାକୁଦ:** ହୀରାକୁଦ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଉତ୍କଳ ଦିବସ ଓ ପ୍ରବେଶ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ବିଦ୍ୟାଳୟର ପୂର୍ବତନ ସଭାପତି ଅବନୀ ବଲ୍ଲଭ ଆଚାର୍ଯ୍ୟ ଯୋଗଦେଇ ଆମ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ହେବାପାଇଁ ଆମ ପୂର୍ବପୁରୁଷ କିପରି ତ୍ୟାଗ କଷ୍ଟ କରିଯାଇଛନ୍ତି ତାକୁ ଆଗକୁ ନେବା ସମସ୍ତଙ୍କ କର୍ତ୍ତବ୍ୟ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବରେ ଗୁରୁଜୀ ସଞ୍ଜୀବ ସ୍ୱାଇଁ ଯୋଗଦେଇ ଉତ୍କଳ ଦିବସ ଆମ ସମସ୍ତଙ୍କ ପାଇଁ କାହିଁକି ମହତ୍ତ୍ୱପୂର୍ଣ୍ଣ ତାହା କହିଥିଲେ। ପ୍ରଧାନ ଆଚାର୍ଯ୍ୟ କୌଶିକ ଚୌଧୁରୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ସମସ୍ତେ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ଗୁରୁମା ସ୍ନିଗ୍ଧା ପାଣିଗ୍ରାହୀ ଓ ସୁଧାଂଶୁବାଳା ବିଶ୍ୱାଳ ବୌଦ୍ଧିକ ପରିଚାଳନା କରିଥିଲେ। ଗୁରୁମା ପ୍ରୀତି ପ୍ରିୟଦର୍ଶିନୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଗ୍ରୀଷ୍ମ ଋତୁରେ ୩ ଯୋଡ଼ା ସ୍ୱତନ୍ତ୍ର ଟ୍ରେନ୍ ସେବା ସମ୍ପ୍ରସାରଣ

**ସମ୍ବଲପୁର, ୧।୪ (ସମିସ) :** ଗ୍ରୀଷ୍ମ ଋତୁରେ ଯାତ୍ରୀଙ୍କ ବର୍ଦ୍ଧିତ ଚାହିଦା ପୂରଣ କରିବା ଏବଂ ସୁବିଧାଜନକ ଯାତ୍ରା ସୁବିଧା ଯୋଗାଇବା ଉଦ୍ଦେଶ୍ୟରେ ପୂର୍ବତଟ ରେଳପଥ ପକ୍ଷରୁ ୬ଟି ସ୍ୱତନ୍ତ୍ର ଟ୍ରେନ୍ ଗୁଡ଼ିକର ପରିଚାଳନାକୁ ବୃଦ୍ଧି କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ଟ୍ରେନ୍ ଗୁଡ଼ିକ ସେମାନଙ୍କର ପୂର୍ବ ସମୟ, ରହଣି ସ୍ଥାନ ଏବଂ କୋଚ୍ ସରଞ୍ଜନା ସହିତ ଚଳାଚଳ କରିବ। ସମ୍ପ୍ରସାରିତ ସ୍ୱତନ୍ତ୍ର ଟ୍ରେନ୍ ଗୁଡିକ ହେଲା - ୦୨୮୧୧ ଭୁବନେଶ୍ୱର - ଯଶବନ୍ତପୁର ସ୍ପେଶାଲ୍ ୨୭ ଜୁନ୍ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିବାବେଳେ ୦୨୮୧୨ ଯଶବନ୍ତପୁର - ଭୁବନେଶ୍ୱର ସ୍ପେଶାଲ୍ ୨୯ ଜୁନ୍ ପର୍ଯ୍ୟନ୍ତ; ୦୮୩୧୧ ସମ୍ବଲପୁର - ଇରୋଡ୍ ସ୍ପେଶାଲ୍ ୨୭ ମେ ପର୍ଯ୍ୟନ୍ତ ଏବଂ ୦୮୩୧୨ ଇରୋଡ୍ - ସମ୍ବଲପୁର ସ୍ପେଶାଲ୍ ୨୯ ମେ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ସେହିପରି ୦୮୫୦୮ ବିଶାଖାପାଟଣା - ଶାଲିମାର ସ୍ପେଶାଲ୍ ୩୦ ଜୁନ୍ ପର୍ଯ୍ୟନ୍ତ ଏବଂ ୦୮୫୦୭ ଶାଲିମାର - ବିଶାଖାପାଟଣା ସ୍ପେଶାଲ୍ ୩୦ ଜୁନ୍ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ରେଳବାଇ ପକ୍ଷରୁ ଯାତ୍ରୀମାନଙ୍କୁ ଏହି ସମ୍ପ୍ରସାରଣ ପ୍ରତି ଧ୍ୟାନ ଦେବା ଏବଂ ସେହି ଅନୁସାରେ ଯାତ୍ରା ଯୋଜନା କରିବାକୁ ପରାମର୍ଶ ଦିଆଯାଇଛି।

## ଅନ୍ଧାରରେ ପଡ଼ିଆବାହଲ ଜାତୀୟ ରାଜପଥ

**ସମ୍ବଲପୁର, ୧।୪(ସମିସ):** ପଡ଼ିଆବାହଲ ଜାତୀୟ ରାଜପଥ ଏବେ ଅନ୍ଧାରରେ। ଅଧାରୁ ଅଧିକ ସ୍ଥାନରେ ଜଳୁନି ଷ୍ଟ୍ରିଟ୍ ଲାଇଟ। ଫଳରେ ମୁଖ୍ୟ ବଜାରର ଅନେକ ସ୍ଥାନ ଅନ୍ଧାରରେ ରହୁଛି। ଏହାର ସୁଯୋଗ ନେଇ ଦିନକୁ ଦିନ ଚୋରି ବଢ଼ିବାରେ ଲାଗିଛି। ଏପରିକି ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ, ମୁଖ୍ୟ ବଜାର ଓ ଆରୋଗ୍ୟ କେନ୍ଦ୍ର ଡାକ୍ତରଖାନା ରାସ୍ତା ମଧ୍ୟ ଅନ୍ଧାରରେ ରହିଛି। ସ୍ଥାନୀୟ ଲୋକେ ଜାତୀୟ ରାଜପଥ ପ୍ରାଧିକରଣ ନିର୍ଦ୍ଦେଶକଙ୍କ ନିକଟରେ ବାରମ୍ବାର ଅଭିଯୋଗ ପରେ କୌଣସି ଫଳ ମିଳିନାହିଁ। ଫଳରେ ଏଥିପାଇଁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହି ସମସ୍ୟା ପ୍ରତି ଜିଲ୍ଲାପାଳ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ରକ୍ତଦାନ ଶିବିର; ୩୮ ୟୁନିଟ୍ ସଂଗ୍ରହ

**ସମ୍ବଲପୁର, ୧।୪(ସମିସ):** ଅନମୋଲ ଇଏଲ୍‌ସି ପକ୍ଷରୁ ରକ୍ତଦାନ ଶିବିର ରାଷ୍ଟ୍ରୀୟ ଗୋପାଳ ବିଦ୍ୟା ମନ୍ଦିରରେ ଆୟୋଜିତ ହୋଇଛି। ଶିବିରକୁ ରେଙ୍ଗାଲି ପୂର୍ବତନ ବିଧାୟକ ନାଉରୀ ନାୟକ ଉଦ୍‌ଘାଟନ କରିଥିଲେ। ଅନମୋଲ ଏନଜିଓ ଏବଂ ରାଷ୍ଟ୍ରୀୟ ଗୋପାଳ ବିଦ୍ୟାମନ୍ଦିରର ମିଳିତ ସହଯୋଗରେ ହୋଇଥିଲା। ସମାଜସେବୀ ରାମଦାସ ପଣ୍ଡା, ସମାଜସେବୀ ଅଶୋକ କେଡିଆ ତଥା ଅମର ତାଣ୍ଡିଆ, ଆର.ଜି.ଭି.ଏମ୍. ପ୍ରିନ୍ସିପାଲ୍ ଶାଲୁ ରାଜପୁତ, ଅନମୋଲ ଚେୟାରମ୍ୟାନ୍ ନୀତୀଶ କୁମାର ନାଗ ଏବଂ ସଚିବ ଗୌରୀଶଙ୍କର ରହନା ଯୋଗ ଦେଇଥିଲେ। ମୋଟ ୩୮ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା।

## ଦଲଦଲିପଡ଼ା ଅଙ୍ଗନବାଡ଼ି କେନ୍ଦ୍ର-୧ରେ ସ୍ୱାସ୍ଥ୍ୟ ଶିବିର

**ସମ୍ବଲପୁର, ୧।୪(ସମିସ):** ଦଲଦଲିପଡ଼ା ଅଙ୍ଗନବାଡି କେନ୍ଦ୍ର -୧ରେ ଏକ ସ୍ୱାସ୍ଥ୍ୟ ଶିବିର, ନାରୀସେବା ସଂଘ ତରଫରୁ ଅନୁଷ୍ଠିତ ହୋଇଥିଲା। ଶିବିରରେ ମେଡିସିନ ସ୍ପେସିଆଲିଷ୍ଟ ଡ.ସୁଶୀଲ କୁମାର ଦାସ, ସୁଜାତା ପଣ୍ଡା, ସୌମ୍ୟରଞ୍ଜନ ପ୍ରଧାନଙ୍କ ସହ ପାଥୋଲୋଜିଷ୍ଟ, ଫାର୍ମାସିଷ୍ଟଙ୍କ ସହଯୋଗରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବଣ୍ଟନ ହୋଇଥିଲା। ଆଇନଜୀବୀ ସଂଯୁକ୍ତା ହୋତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ସ୍ୱାସ୍ଥ୍ୟ ଶିବିରରେ ସଂଘର ଗଣମାଧ୍ୟମ ସଂଯୋଜିକା ସୁମିତା ଚଇନୀ, ଜୟନ୍ତୀ ପଣ୍ଡା, ଗାୟତ୍ରୀ ବହିଦାର, ପିଙ୍କି ପ୍ରଧାନ, ସରିତା ଚଇନୀ, ସରିତା ମେହେର, ବନ୍ଦିନୀ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

## ଜିଏମ୍‌ୟୁ ସ୍କୁଲ୍ ଅଫ୍ ମ୍ୟାନେଜମେଣ୍ଟର ପ୍ରଶିକ୍ଷଣ

**ସମ୍ବଲପୁର, ୧।୪ (ସମିସ) :** ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ସ୍କୁଲ୍ ଅଫ୍ ମ୍ୟାନେଜମେଣ୍ଟରେ ପିଏମ୍-ଉଷା କାର୍ଯ୍ୟକ୍ରମ ଅଧୀନରେ ବୌଦ୍ଧିକ ସମ୍ପଦ ଓ ବିଶ୍ୱବିଦ୍ୟାଳୟ ଗବେଷଣାକୁ ଆର୍ଥିକ ଆୟରେ ପରିଣତ କରିବା" ବିଷୟରେ ଦିନିକିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମଟି ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଆଇକ୍ୟୁଏସି ଦ୍ୱାରା ଆୟୋଜିତ ହୋଇଥିଲା। ଭାରପ୍ରାପ୍ତ କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମର ସମନ୍ୱୟକାରୀ ଭାବେ ସ୍କୁଲ୍ ଅଫ୍ ମ୍ୟାନେଜମେଣ୍ଟର ମୁଖ୍ୟ ଡଃ ଶ୍ରୀନିବାସ ଦାଶ ଦାୟିତ୍ୱ ନିର୍ବାହ କରିଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଶିକ୍ଷକ, ଗବେଷକ ଓ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବୌଦ୍ଧିକ ସମ୍ପଦ ଅଧିକାର (ଆଇପିଆର୍), ପେଟେଣ୍ଟ ଗବେଷଣାର ବାଣିଜ୍ୟିକୀକରଣ ସମ୍ପର୍କରେ ସଚେତନତା ସୃଷ୍ଟି କରିବା।




ପ୍ରଶିକ୍ଷଣ କାର୍ଯ୍ୟକ୍ରମର ରିସୋର୍ସ ପର୍ସନ ଭାବେ ନ୍ୟାସନାଲ୍ ରିସର୍ଚ୍ଚ ଡେଭଲପ୍‌ମେଣ୍ଟ କର୍ପୋରେସନ୍ (ଏନ୍‌ଆର୍‌ଡିସି)ର ସିନିଅର ରିଜିଓନାଲ୍ ମ୍ୟାନେଜର ଡ. ବିଜୟ କୁମାର ସାହୁ ଯୋଗ ଦେଇଥିଲେ। ସେ ପେଟେଣ୍ଟ, କପିରାଇଟ୍, ଟ୍ରେଡମାର୍କ, ଟେକ୍ନୋଲୋଜି ଟ୍ରାନ୍ସଫର୍, ପେଟେଣ୍ଟ ଫାଇଲିଂ ପ୍ରକ୍ରିୟା ଓ ଗବେଷଣା ନବୀନତାର ସୁରକ୍ଷା ସମ୍ପର୍କରେ ବିଭିନ୍ନ ତଥ୍ୟ ଉପସ୍ଥାପନ କରିଥିଲେ। ଡ. ସାହୁ ଜାତୀୟ ଶିକ୍ଷା ନୀତି ୨୦୨୦ ଓ ପିଏମ୍-ଉଷା ପରିକଳ୍ପନା ପରିପ୍ରେକ୍ଷୀରେ ନବୀନତା, ଷ୍ଟାର୍ଟଅପ୍ ଓ ଶିଳ୍ପ-ଶିକ୍ଷା ସଂସ୍ଥା ସହଯୋଗର ଗୁରୁତ୍ୱ ଉପରେ ଜୋର୍ ଦେଇଥିଲେ।

## ଏଜୁ-ସିଟି ଭାବେ ବିକଶିତ ହେବ ବୁର୍ଲା-ଗୋଶାଳା ଅଞ୍ଚଳ

**ସମ୍ବଲପୁର, ୧।୪ (ସମିସ) :** ଜାତୀୟସ୍ତରର ଅନୁଷ୍ଠାନ ଏବଂ ପାଞ୍ଚରୁ ଛଅଟି ବିଶ୍ୱବିଦ୍ୟାଳୟ ସହ ସମ୍ବଲପୁର ସମ୍ପ୍ରତି ଏକ ଏଜୁକେସନାଲ୍ ହବ୍ ପାଲଟିଛି। ଆଗାମୀ ଦିନରେ ବୁର୍ଲା-ଗୋଶାଳା ଅଞ୍ଚଳକୁ ବିକଶିତ କରି ଏକ ଏଜୁ-ସିଟି କରାଯିବ। ବୁର୍ଲାପଟେ ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଭିମସାର, ଭିସୁଟ୍ ଥିବାବେଳେ ଗୋଶାଳା ପଟେ ଆଇଆଇଏମ୍ ସମ୍ବଲପୁର, ଓୟୁଏଟି କୃଷି ମହାବିଦ୍ୟାଳୟ, ଉଦ୍ୟାନ କୃଷି ମହାବିଦ୍ୟାଳୟ ରହିଛି। ସେଠାରେ ଆଗାମୀ ଦିନରେ କିଛି ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ନରସିଂହ ମୁଞ୍ଜି ବିଶ୍ୱବିଦ୍ୟାଳୟ, ଏସ୍‌ଆର୍‌ଏମ୍ ବିଶ୍ୱବିଦ୍ୟାଳୟ ହେବାକୁ ଯାଉଛି। ପୁଣି ପଶୁ ଚିକିତ୍ସା ଓ ପଶୁପାଳନ ମହାବିଦ୍ୟାଳୟ ପାଇଁ ଜାଗା ଚିହ୍ନଟ ହୋଇ ସରକାରଙ୍କୁ ବିସ୍ତୃତ ପ୍ରସ୍ତାବ ପଠାଗଲାଣି।

ପର୍ଯ୍ୟଟନ କ୍ଷେତ୍ରରେ ହୀରାକୁଦ ଆଖପାଖ ଅଞ୍ଚଳରେ ବିକାଶ ହେବ। ସେଠାରେ ବିଭିନ୍ନ ଯୋଜନାରେ କାର୍ଯ୍ୟ ଚାଲିଛି। ସମଲେଶ୍ୱରୀ ମନ୍ଦିରର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟ ଏବଂ ଘଣ୍ଟେଶ୍ୱରୀ ମନ୍ଦିରର ଉନ୍ନତିମୂଳକ କାର୍ଯ୍ୟ ଚାଲିଛି। ଭୀମମଣ୍ଡଳୀର ବିକାଶ ଏବଂ ଦେବ୍ରିଗଡ଼ର ବିକାଶ କାର୍ଯ୍ୟ ପାଇଁ ପ୍ରସ୍ତାବ ଅନୁମୋଦନ ଲାଭ କରିଛି। ଯେପରି ଓଡ଼ିଶା ଗଠନ ଭାଷା ପାଇଁ ହୋଇଥିଲା ସେଭଳି ସମ୍ବଲପୁରୀ ଭାଷା, ସାହିତ୍ୟ, ସଂସ୍କୃତି ଏକ ଅନନ୍ୟ ପରିଚୟ ଲାଭ କରିଛି। ଭାଷା ସମସ୍ତଙ୍କୁ ଯୋଡ଼ିବାର ଏକ ମାଧ୍ୟମ। ସଂସ୍କୃତି ମନ୍ତ୍ରଣାଳୟର ସହଯୋଗରେ ସମ୍ବଲପୁରରେ "ସମ୍ବଲପୁର କଲେଜ୍ ଅଫ୍ ଆର୍ଟ ଆଣ୍ଡ କ୍ରାଫ୍ଟ" ପାଇଁ ସରକାରଙ୍କୁ ପ୍ରସ୍ତାବ ଦେଇଥିବା କହିଛନ୍ତି ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର। ଏହାକୁ ଆସନ୍ତା ଶିକ୍ଷାବର୍ଷରୁ ଆରମ୍ଭ କରିବାକୁ ଉଦ୍ୟମ ଜାରି ରହିଥିବା ସେ ସୂଚନା ଦେଇଛନ୍ତି।

ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ପାଳନ ଅବସରରେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଢାଞ୍ଚାରେ ବିକଶିତ ସମ୍ବଲପୁର, ସମୃଦ୍ଧ ସମ୍ବଲପୁର ପାଇଁ ମିଳିତ ଉଦ୍ୟମ ଆବଶ୍ୟକ ଥିବା କହିଛନ୍ତି। ପର୍ଯ୍ୟଟନ, ଶିକ୍ଷା, ସ୍ୱାସ୍ଥ୍ୟ ଆଦି ପ୍ରତ୍ୟେକ ବିଭାଗରେ ଏକ ଭିଜନ୍ ଡକ୍ୟୁମେଣ୍ଟ କରାଯାଇଛି, ସମ୍ବଲପୁରରେ ଆଗାମୀ ଦିନରେ କ'ଣ କରିବାକୁ ରହିଛି ତାହା ଚିହ୍ନଟ କରାଯାଇଛି ଏବଂ ତଦନୁଯାୟୀ ପ୍ରଶାସନିକସ୍ତରରେ 'ଟିମ୍ ସମ୍ବଲପୁର' କାମ କରୁଛି ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି।

## ସମ୍ବଲପୁରରେ ଗ୍ରାଣ୍ଡ ଓଡ଼ିଶା ସୌନ୍ଦର୍ଯ୍ୟ ପ୍ରତିଯୋଗିତା

**ସମ୍ବଲପୁର, ୧।୪(ସମିସ):** ସ୍ଥାନୀୟ ତପସ୍ୱନୀ ପ୍ରେକ୍ଷାଳୟରେ ଚାଲିଥିବା ଗ୍ରାଣ୍ଡ ଓଡ଼ିଶା ସୌନ୍ଦର୍ଯ୍ୟ ପ୍ରତିଯୋଗିତା ଫାଇନାଲ ହୋଇଛି। ଏହାକୁ ଗ୍ରାଣ୍ଡ ଓଡ଼ିଶାର ପ୍ରତିଷ୍ଠାତ ଓ ସିଇଓ ଦେବସ୍ମିତା ସାହୁ ପରିଚାଳନା କରିଥିଲେ। ରାଜ୍ୟର ବିଭିନ୍ନ ସ୍ଥାନରୁ ପ୍ରତିଯୋଗୀମାନେ ଯୋଗଦେଇ ସୌନ୍ଦର୍ଯ୍ୟ, ଆତ୍ମବିଶ୍ୱାସ ଓ ସାଂସ୍କୃତିକ ଗୌରବକୁ ପ୍ରଦର୍ଶନ କରିଥିଲେ। ପ୍ରତିଯୋଗିତାରେ ପାରମ୍ପରିକ, ପଶ୍ଚିମାଞ୍ଚଳ ପୋଷାକ ପରିଧାନ କରିଥିଲେ। ଏହାସହ ପ୍ରଶ୍ନୋତ୍ତର ସେସନ ମଧ୍ୟ ହୋଇଥିଲା। ବିଚାରକ ଭାବେ ମଲିକ ଇସାନୀ, ରିତୁଲ ଛାରକ, ତନୟା ନାଇଡୁ ଓ ଲିଓନ ପ୍ରିନ୍ସ ଦାୟିତ୍ୱ ତୁଲାଇଥିଲେ। ପ୍ରିନ୍ସ ବର୍ଗରେ ପ୍ରଥମେଶ ସାହୁ ବିଜେତା ଓ ସ୍ୱନ୍ଦନ ପରମଗୁରୁ ରନର ଅପ୍ ହୋଇଥିଲେ। ପ୍ରିନ୍ସେସ ବର୍ଗରେ ସ୍ୱର୍ଣ୍ଣଶ୍ରୀ ଭୋଇ ବିଜେତା, ମିଷ୍ଟର ଟିନର ବିଜେତା ପ୍ରହ୍ଲାଦ ମେହେର, ମିସ ଟିନରେ ଯଶମୀନ ସାହୁ, ମିସ୍ ବର୍ଗରେ ସୋନମ ଆଚାର୍ଯ୍ୟା, ମିସେସରେ ବିଦେଶୀନି ମାଳି ବିଜେତା ହୋଇଥିଲେ। ସେହିପରି ଟ୍ରାନ୍ସ ବର୍ଗରେ ବିନ୍ଦିଆ ମାଝୀ ବିଜେତା ହୋଇଥିଲେ। ସମସ୍ତ ବିଜେତା, ରନରଅପଙ୍କୁ ଦେବସ୍ମିତା ସାହୁ ଓ ବିଚାରକ ମାନେ ସମ୍ମାନିତ କରିଥିଲେ। ସମସ୍ତ ବିଜେତା ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବେ।



## ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଓଡ଼ିଆ ପକ୍ଷ

**ସମ୍ବଲପୁର, ୧।୪(ସମିସ):** ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଉତ୍କଳ ଦିବସ ଆୟୋଜିତ ହୋଇଛି। ଆସିଷ୍ଟାଣ୍ଟ ପ୍ରଫେସର ସବିତାବାଳା ନାୟକ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ ଏବଂ ଓଡ଼ିଆ ବିଭାଗ ମୁଖ୍ୟ ଅତିଥିମାନଙ୍କୁ ଚାରା ପ୍ରଦାନ କରିଥିଲେ। ସଭାପତି ଭାବରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବରେ ସ୍ନାତକୋତ୍ତର ବିଭାଗ ସମୂହର ଅଧ୍ୟକ୍ଷ ପ୍ରଫେସର ତୁଷାରକାନ୍ତି ଦାସ ଯୋଗଦେଇଥିଲେ। କୁଳସଚିବ ପ୍ରଫେସର ପ୍ରଦୀପ କୁମାର ନାୟକ ଉତ୍କଳ ଦିବସର ପ୍ରାସଙ୍ଗିକତା ସମ୍ପର୍କରେ କହିଥିଲେ। ଏଥିରେ ପ୍ରାରମ୍ଭିକ ସୂଚନା ଡ. ଶୁକମୁନି ମେହେର ପ୍ରଦାନ କରି ଉତ୍କଳର ଗୌରବମୟ ଗାଥା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ନାକୁ ହାଁସଦା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଡ. ଗୋପୀନାଥ ବାଗ ଉପସ୍ଥିତ ରହି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ବନ୍ଦନୀୟ ବରପୁତ୍ରଙ୍କ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଓଡ଼ିଆ ବିଭାଗର ଛାତ୍ରୀ ତୁଳେଶ୍ୱରୀ ମେହେର, ମାନସୀ ବେହେରା, ଟିକେଶ୍ୱରୀ ରୋହିଦାସ, ଡଲି ଗଡ଼ତ୍ୟା, କରିସ୍ମା ଆଚାର୍ଯ୍ୟ, ସୋମା ସାହୁ ଉତ୍କଳ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ' ଗାନ କରିଥିଲେ। ଗବେଷକ ପବିତ୍ର ବାଗ ଧନ୍ୟବାଦ ଅର୍ପଣ କରିଥିଲେ। ଓଡ଼ିଆ ବିଭାଗର ଅଧ୍ୟାପକ ଡ. ସୁନୀତି ଦେବତା, ଡ. ଭରଦ୍ୱାଜ ସାହୁ, ଡ. ବନ୍ଦିତା ନାଏକ, ଗବେଷକ ମନସା ମୋହନ ହେମ୍ବ୍ରମ ସମେତ ଓଡ଼ିଆ ବିଭାଗର ଛାତ୍ରଛାତ୍ରୀ ସହଯୋଗ କରିଥିଲେ।




## ପୁଲିସ ପ୍ରତିଷ୍ଠା ଦିବସରେ ୭ ସମ୍ବର୍ଦ୍ଧିତ

**ସମ୍ବଲପୁର, ୧।୪ (ସମିସ)**

ସ୍ଥାନୀୟ ରିଜର୍ଭ ପୁଲିସ ଲାଇନ ପଡ଼ିଆରେ ଆଜି ଜିଲ୍ଲାସ୍ତରୀୟ ୯୧ତମ ପୁଲିସ ପ୍ରତିଷ୍ଠା ଦିବସ ସମାରୋହ ଆୟୋଜିତ ହୋଇଛି। ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସେ ମହାମହିମ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା ବାର୍ତ୍ତା ପାଠ କରିଥିଲେ। ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିବାସହ ଚୋରି ଡକାୟତି ନିୟନ୍ତ୍ରଣ ଏବଂ ଜନସାଧାରଣଙ୍କ ଧନଜୀବନର ସୁରକ୍ଷା ପାଇଁ ପୁଲିସର ସଦାସର୍ବଦା ତତ୍ପରତାକୁ ପ୍ରଶଂସା କରିଥିଲେ। ଏହାସହ ପୁଲିସ ଓ ଜନସାଧାରଣଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବାକୁ ସେ ଆହ୍ୱାନ ଦେଇଥିଲେ। ସମ୍ବଲପୁର ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁ ଉପସ୍ଥିତ ଥିଲେ। ଏହି ଅବସରରେ ୨୦୨୫ ବର୍ଷ ପାଇଁ ସମ୍ବଲପୁର ଜିଲ୍ଲାରେ କର୍ତ୍ତବ୍ୟ ନିଷ୍ଠା ଓ ଉତ୍ତମ ସେବା କରି ଶ୍ରେଷ୍ଠ ବିବେଚିତ ହୋଇଥିବା ୭ ଜଣ ପୁଲିସ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନେ ହେଲେ - ବୁର୍ଲା ଥାନା ଆରକ୍ଷୀ ନିରୀକ୍ଷକ ସୌମ୍ୟକାନ୍ତ ବଳିଆରସିଂହ, ଆରକ୍ଷୀ ଉପନିରୀକ୍ଷକ, ନାକଟିଦେଉଳ ଥାନା ଗଙ୍ଗାଧର ପ୍ରଧାନ, ସହକାରୀ ଆରକ୍ଷୀ ଉପନିରୀକ୍ଷକ, ରେଙ୍ଗାଲି ଥାନା ସଞ୍ଜୟ ବୁଡ଼, ହାବିଲଦାର, ରିଜର୍ଭ ଅଫିସ ମୁଖ୍ୟାଳୟ ରତ୍ନାକର ସାହୁ, ଓ.ଆର. କନେଷ୍ଟବଲ ନଂ-୬୬୮, ରେଙ୍ଗାଲି ଥାନା ସୁଷମା ନାଏକ, ଓ.ଆର. କନେଷ୍ଟବଲ ନଂ-୮୭୫, ଟ୍ରାଫିକ୍ ଥାନା, ସମ୍ବଲପୁର ନିରଞ୍ଜନା ମହାନନ୍ଦ ଏବଂ ଏ.ପି.ଆର. କନଷ୍ଟେବଲ ନଂ-୪୯୬, ରିଜର୍ଭ ଅଫିସ ମୁଖ୍ୟାଳୟ ରିଜିଙ୍ଗ ବଗର୍ତ୍ତି। କାର୍ଯ୍ୟକ୍ରମକୁ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅଜୟ କୁମାର ମିଶ୍ର ପରିଚାଳନା କରିଥିଲେ। ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀମନ୍ତ ବାରିକ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ (ପିଆଇବି) ଶଶାଙ୍କ ଶେଖର ବେହୁରା, ସଦର ଏସ୍‌ଡିପିଓ ତୋଫାନ ବାଗଙ୍କ ସମେତ ସମସ୍ତ ଥାନାର ଥାନାଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।



## ବରିଷ୍ଠ ଟେକ୍‌ନିସିଆନ୍‌ଙ୍କ ଅବସରଗ୍ରହଣ



**ସମ୍ବଲପୁର, ୧।୪ (ସମିସ) :** ଆକାଶବାଣୀ ସମ୍ବଲପୁର କେନ୍ଦ୍ରର ବରିଷ୍ଠ ଟେକ୍‌ନିସିଆନ୍ ଅର୍ଜୁନ ଭୋଇ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ୧୯୮୯ରୁ ଏହି କେନ୍ଦ୍ରରୁ ନିଜ ଚାକିରି ଜୀବନ ଆରମ୍ଭକରି ସେ ଆକାଶବାଣୀ କଟକ, ଏଲପିଟି କୁଚିଣ୍ଡା ଏବଂ ବରଗଡ଼ ସହ ଦୂରଦର୍ଶନ କେନ୍ଦ୍ର ସମ୍ବଲପୁରରେ ଦୀର୍ଘ ୩୭ ବର୍ଷ କାର୍ଯ୍ୟ କରଥିଲେ। ବୁଧବାର ରିକ୍ରିଏସନ୍ କ୍ଲବ୍ ତରଫରୁ ଆୟୋଜିତ ସଭାରେ ସହାୟକ ନିର୍ଦ୍ଦେଶକ ମନୀଷ ଭଟ୍ଟାଚାର୍ଯ୍ୟୀ ଅଧ୍ୟକ୍ଷତା କରିଥିଲେ। ଏଥିରେ କୁନାଲ ମହାପାତ୍ର, ସନ୍ତୋଷ ପିଙ୍ଗ, ଜ୍ୟୋତିପ୍ରକାଶ ମିଶ୍ର, ମାଳିକ ମୁଣ୍ଡା ଶ୍ରୀ ଭୋଇଙ୍କ କାର୍ଯ୍ୟକାଳ ସମ୍ପର୍କରେ ଆଲୋଚନା କରିବା ସହିତ ସୁସ୍ଥ ଏବଂ ନିରାମୟ ଜୀବନ କାମନା କରିଥିଲେ। କ୍ଲବର ସମ୍ପାଦକ କ୍ଷେତ୍ରମଣି ବିଭାର ସଭାକାର୍ଯ୍ୟ ପରିଚାଳନା କରିଥିଲେ। କୈବର୍ତ୍ତ ସାହୁ, ପ୍ରକାଶ ଚନ୍ଦ୍ର ଛତ୍ରିଆ, ସୋମନାଥ ଜାଲ, ବୃନ୍ଦାବନ ସେଠୀ, ସୁଜିତ ବନ୍‌ଛୋର ପ୍ରମୁଖ ସହଯୋଗ କରିଥିଲେ।

## ବିଭିନ୍ନ ସ୍ଥାନରେ ଓଡ଼ିଶା ଦିବସ

# 'ପ୍ରତ୍ୟେକ ଓଡ଼ିଆଙ୍କ ଭାଗୀଦାରି ହିଁ ସମୃଦ୍ଧ ଓଡ଼ିଶା ଗଠନର ମୂଳଦୁଆ'







ଝାରସୁଗୁଡ଼ା,୧।୪(ସମିସ): ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗର ମିଳିତ ଆନୁକୁଲ୍ୟରେ ସ୍ଥାନୀୟ ଏମସିଏଲ୍ ଅଡିଟୋରିୟମ୍‌ଠାରେ ୯୧ତମ ଓଡ଼ିଶା ଦିବସ ଅତି ଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଭାବେ ଆରକ୍ଷୀ ଅଧିକ୍ଷକ ଜି.ଆର୍ ରାଘବେନ୍ଦ୍ର ଯୋଗଦେଇଥିଲେ। ବିଶିଷ୍ଟ ଅତିଥି ଭାବେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ, ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କୃଷ୍ଣକେଶୀ ବଳିୟାରସିଂହ ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲ୍ଲାପାଳ ଓଡ଼ିଆ ଜାତିର ବୀରତ୍ୱ ଓ ସ୍ୱତନ୍ତ୍ର ପ୍ରଦେଶ ଗଠନର ସଂଗ୍ରାମକୁ ମନେ ପକାଇଥିଲେ। ସେ କହିଥିଲେ, "ଭାଷା ଆମର ଅସ୍ମିତା, ସଂସ୍କୃତି ଆମର ଗର୍ବ ଏବଂ ପ୍ରଗତି ଆମର ଲକ୍ଷ୍ୟ। ପ୍ରତ୍ୟେକ ଓଡ଼ିଆଙ୍କ ଭାଗୀଦାରି ହିଁ ଏକ "ସମୃଦ୍ଧ ଓଡ଼ିଶା' ଗଠନର ମୂଳଦୁଆ। ୨୦୩୬ ସୁଦ୍ଧା ଏକ ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନର ସ୍ୱପ୍ନକୁ ସାକାର କରିବା ପାଇଁ ଆମକୁ ଏବେଠାରୁ ସଂକଳ୍ପବଦ୍ଧ ହେବାକୁ ପଡ଼ିବ ବୋଲି ସେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଆରକ୍ଷୀ ଅଧିକ୍ଷକ ଶ୍ରୀ ରାଘବେନ୍ଦ୍ର ସୁରକ୍ଷିତ ସମାଜ ଗଠନ ଉପରେ ଗୁରୁତ୍ୱାରୋପ କରି ଓଡ଼ିଶା ଦିବସ ଉତ୍ସବ ଶାନ୍ତି ଓ ନ୍ୟାୟ ପ୍ରତିଷ୍ଠା ପାଇଁ ଏକ ସାମୂହିକ ଶପଥ ବୋଲି କହିଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବ୍ରଜବନ୍ଧୁ ଭୋଇ ପ୍ରଶାସନିକ ସ୍ତରରେ ସ୍ୱଚ୍ଛତା ଓ ନିଷ୍ଠାର ସହ କାର୍ଯ୍ୟ କରିବା ହିଁ ଆମ ରାଜ୍ୟ ପ୍ରତି ପ୍ରକୃତ ସମ୍ମାନ ହେବ ବୋଲି କହିଥିଲେ। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ସ୍ୱାଇଁ ଶାସ୍ତ୍ରୀୟ ମାନ୍ୟତାପ୍ରାପ୍ତ ଓଡ଼ିଆ ଭାଷାର ସୁରକ୍ଷା ଓ ପ୍ରସାର ପାଇଁ ଆମେ ସମସ୍ତେ ସଚେତନ ହେବା ଆବଶ୍ୟକ ବୋଲି କହିଥିଲେ। ଓଡ଼ିଶାର ଗୌରବମୟ ଇତିହାସ ଏବଂ ବରପୁତ୍ରମାନଙ୍କ ଅବଦାନକୁ ନେଇ ଆୟୋଜିତ ଏକ ସ୍ୱତନ୍ତ୍ର ଫଟୋ ପ୍ରଦର୍ଶନୀକୁ ଜିଲ୍ଲାପାଳ ଉଦ୍‌ଘାଟନ କରିଥିଲେ। ଅଙ୍ଗନବାଡ଼ି କର୍ମୀମାନଙ୍କ ଦ୍ୱାରା ପ୍ରସ୍ତୁତ "ପିଠା ପରବ' ଆୟୋଜିତ ହୋଇଥିଲା। ଯାହା ଦିବସ ସମାରୋହ ଅନ୍ୟତମ ମୁଖ୍ୟ ଆକର୍ଷଣ ସାଜିଥିଲା। ପ୍ରାତଃ ସମୟରେ ଜିଲ୍ଲା ପ୍ରଶାସନ ଏବଂ ଝାରସୁଗୁଡ଼ା ପୌରପାଳିକା ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ସ୍ଥାପିତ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ କୁନି କଳାକାରମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଜିଲ୍ଲାସ୍ତରୀୟ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

**ଉତ୍କଳ ସେବା ସମିତି:** ଛତିଶଗଡ ରାଜ୍ୟର ରାୟଗଡଠାରେ ଉତ୍କଳ ସେବା ସମିତି ପକ୍ଷରୁ ବାବା ପ୍ରିୟଦର୍ଶୀ ରାମ ଅଡିଟୋରୀୟମ ପଞ୍ଜାରୀପ୍ଲାଣ୍ଟଠାରେ ଉତ୍କଳ ଦିବସ ବୁଧବାର ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ, ସମ୍ମାନିତ ଅତିଥି ଭାବରେ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ, ରାୟପୁର ଉତ୍ତର ବିଧାୟକ ପୁରନ୍ଦର ମିଶ୍ର, ରାୟଗଡ଼ର ମେଜର ଜିଧାନ ଚୌହାନ ଯୋଗଦେଇଥିଲେ। ଉତ୍କଳ ସାଂସ୍କୃତିକ ସେବା ସମିତିର ଅଧ୍ୟକ୍ଷ ପ୍ରକାଶ ମିଶ୍ରଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମଟି ପରିଚାଳିତ ହୋଇଥିବା ବେଳେ ସମ୍ପାଦକ ପ୍ରତାପ ରାଉତ ସହଯୋଗ କରିଥିଲେ। ବିଧାୟକ ଟଙ୍କଧର ତ୍ରିପାଠୀ ଓଡ଼ିଆ ଭାଗବତକୁ ଛତିଶଗଡି ଭାଷାରେ ଅନୁବାଦ କରି ବ୍ୟାସ ଷଡ଼ଙ୍ଗୀ ଓ ଡ. ସୁଚିତ୍ରା ତ୍ରିପାଠୀ ଛତିଶଗଡ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଥିବାରୁ ଏହା ଛତିଶଗଡ ମୁଖ୍ୟମନ୍ତ୍ରୀଙ୍କ ପାଇଁ ସବୁଦିନ ମନେ ରହିବ ବୋଲି କହିଥିଲେ। ଓଡିଶା ଓ ଛତିଶଗଡ ମଧ୍ୟରେ ଥିବା ଅନ୍ତରଙ୍ଗ ସମ୍ପର୍କ ଅତି ନିବିଡ଼ ବୋଲି ବିଧାୟକ କହିଥିଲେ। ଏହା ସହିତ ଅଶୋକ ପରି ମହାନ ସମ୍ରାଟ ଚଣ୍ଡାଶୋକରୁ ଧର୍ମାଶୋକ ଏହି ଓଡିଶା ମାଟିରେ ହିଁ ପରିଣତ ହୋଇ ପାରିଥିଲେ। ପ୍ରଭୁ ଜଗନ୍ନାଥ ଆଜି ସାରା ବିଶ୍ୱରେ ପୂଜନୀୟ ଏବଂ ଏହି ମାଟିର ଜଣେ ଝିଅ ଆଜି ସାରା ଭାରତ ବର୍ଷର ସର୍ବୋଚ୍ଚ ଶାସନକର୍ତ୍ତା ଭାବରେ ବିଦ୍ୟମାନ ବୋଲି ବିଧାୟକ ତ୍ରିପାଠୀ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଓଡିଶା ସହିତ ଛତିଶଗଡ ରାଜ୍ୟର ବହୁ ବିଦ୍ୱାନ, ଗୁଣି, ସମାଜସେବୀ ଯୋଗଦାନ କରିଥିଲେ।

**ଡିଏଭି ପବ୍ଲିକ ସ୍କୁଲ:** ଝାରସୁଗୁଡ଼ା ଡିଏଭି ପବ୍ଲିକ ସ୍କୁଲ ପରିସରରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଦେବତାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବ୍ରଜରାଜନଗର ସମଲେଶ୍ୱରୀ ଖୋଲା ଖଣି ପ୍ରକଳ୍ପ ଡିଏଭିର ସଦ୍ୟ ଅବସରପ୍ରାପ୍ତ ଅଧ୍ୟକ୍ଷ ଚିନ୍ମୟ କୁମାର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶାର ବରପୁତ୍ରଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଅଧ୍ୟକ୍ଷ ଶ୍ରୀ ଦେବତା ଓଡ଼ିଆ ଅସ୍ମିତା ଓ ବୀର ପୁରୁଷଙ୍କ ତ୍ୟାଗ ତଥା ବଳିଦାନ ସମ୍ପର୍କରେ ପ୍ରକାଶ କରିଥିଲେ। ଶିକ୍ଷୟିତ୍ରୀ ମଧୁସ୍ମିତା ପଲେଇ ଦିବସ ପାଳନର ତାତ୍ପର୍ଯ୍ୟ ଉପରେ କହିଥିବା




ବେଳେ ଶିକ୍ଷକ ସତ୍ୟନାରାୟଣ ଜେନା ଓ ଛାତ୍ରୀ ଜିଜ୍ଞା ଉର୍ମିଳ ସ୍ୱରଚିତ କବିତା ପାଠ, ଛାତ୍ରୀ ଶୁଭଶ୍ରୀ ଦାଶ ମୋ ଓଡ଼ିଶା ଗୀତ ପରିବେଷଣ ଏବଂ ଛାତ୍ର ଦିବ୍ୟାଂଶୁ ମହାପାତ୍ର ନିଜ ବିଚାର ପ୍ରକଟ କରିଥିଲେ। ଶିକ୍ଷୟିତ୍ରୀ ଗୀତାଞ୍ଜଳି ମିଶ୍ର ସଭା ସଂଯୋଜନା କରିଥିଲେ। ରଶ୍ମିରେଖା ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ।

**ଦେବଗଡ଼:** ଜିଲ୍ଲା ପ୍ରଶାସନ ପକ୍ଷରୁ ୯୧ତମ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଉତ୍କଳମଣି ଗୋପବନ୍ଧୁ ଦାସ, ରାଜା ସାର ବାସୁଦେବ ସୁଢଳଦେବ, ରାଜା ସଚ୍ଚିଦାନନ୍ଦ ତ୍ରିଭୁବନ ଦେବ, ଡମ୍ବରୁ ପ୍ରିୟା ଦେବୀ, ଡ. ବି. ଆର ଆମ୍ବେଦକର,




ବିର୍ସା ମୁଣ୍ଡା ଓ ଭୂମି ପୁତ୍ର ବିଜୁପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ଜିଲ୍ଲା ପ୍ରଶାସନ ଓ ପୌରପରିଷଦ ପକ୍ଷରୁ ମାଲ୍ୟାର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ, ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ରତିକାନ୍ତ ଶୁକ୍ଲା, ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ, ବରିଷ୍ଠ ନାଗରିକ ସୁଧୀର କପରଦାର, ଡ. ରାମଚନ୍ଦ୍ର ମହାପାତ୍ର, ନିରଞ୍ଜନ ଦ୍ୱିବେଦୀ, ଜିଲ୍ଲା ସଂସ୍କୃତି ଅଧିକାରୀ ମୁକେଶ କୁମାର ଭୋଇ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ପ୍ରମୁଖ ଯୋଗଦେଇଥିଲେ। ପରେ ପୂର୍ବାହ୍ନରେ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟଠାରେ ସାଧାରଣ ସଭା ଆୟୋଜିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ଓ ସମ୍ମାନିତ ଅତିଥି ଭାବେ ଆରକ୍ଷୀ ଅଧିକ୍ଷକ ଅନିଲ କୁମାର ମିଶ୍ର, ପୂର୍ବତନ ବିଧାୟକ ତଥା ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ସୁବାଷ ଚନ୍ଦ୍ର ପାଣିଗ୍ରାହୀ, ଉପଜିଲ୍ଲାପାଳ ପରକ୍ଷିତ ସାହୁ ପ୍ରମୁଖ ଯୋଗଦେଇଥିଲେ। ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନରେ ଓଡିଶାର ବରପୁତ୍ର ମାନଙ୍କର ଓଡ଼ିଆ ଜାତି ପ୍ରତି ଥିବା ଗଭୀର ଅନୁରାଗ ଜାତୀୟତା ଓ ଓଡ଼ିଆ ଅସ୍ମିତା ପ୍ରତି ତାଙ୍କର ବଳିଦାନର ସ୍ମୃତି ଚାରଣ କରି ଓଡ଼ିଆ ଜାତିକୁ ଏକଜୁଟ ହେବା ପାଇଁ ଅତିଥିମାନେ ଆହ୍ୱାନ ଦେଇଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଡ୍ରିମ ଡ୍ୟାନ୍ସ ଏକାଡେମୀର କଳାକାରମାନଙ୍କୁ ନେଇ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଫଟୋ ଚିତ୍ର ପ୍ରଦର୍ଶନୀ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରୀୟ ଅଧିକାରୀ, ମିଶନ ଶକ୍ତି, ବରିଷ୍ଠ ନାଗରିକ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

**ଜିଲ୍ଲା ସଂସ୍କୃତି ଭବନ:** ଜିଲ୍ଲା ସଂସ୍କୃତି ଭବନଠାରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୁଲ୍ୟରେଓଡ଼ିଶା ଦିବସ ସମାରୋହ ଓ ସ୍ୱରଚିତ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପଜିଲ୍ଲାପାଳ ପରିକ୍ଷିତ ସାହୁ ଓ ସମ୍ମାନିତ ଅତିଥି ଭାବେ ବରିଷ୍ଠ ନାଗରିକ ପ୍ରଫୁଲ୍ଲ ମହାପାତ୍ର,ଡ. ରାମଚନ୍ଦ୍ର ମହାପାତ୍ର, ଅଧ୍ୟାପକ ଚିତ୍ତରଞ୍ଜନ ଦାସ, ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ବିଜୟ କୁମାର ମହାରଣା ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିବା



ସହ ସ୍ୱରଚିତ କବିତା ପଠନ କରିଥିଲେ। ବରିଷ୍ଠ ନାଗରିକ ମାର୍କଣ୍ଡେଶ୍ୱର ଶତପଥି, ଗୌରହରି ଷଡଙ୍ଗୀ, ପଙ୍କଜିନୀ ବେହେରା, ସୋନାଲିନ୍ ସାହୁ, ସବିତା ଦାସ, ଅଞ୍ଜନା ନାୟକ, ରିତାଞ୍ଜଳି ସାଏ, ବାଲ୍ମିକୀ ଲୁହା, ଯୁଧିଷ୍ଠିର ଦାସ, ଭାତୃ କୁମାର ପ୍ରଫୁଲ୍ଲ, ଯତୀନ୍ଦ୍ର ପ୍ରଧାନ, ପ୍ରକାଶ ଚନ୍ଦ୍ର ପ୍ରଧାନ ଓ ନରେନ୍ଦ୍ର କୁମାର ନାଥ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ପଦ୍ମିନୀ ଦାସ ମହାପାତ୍ର ସଂଯୋଜନା କରିଥିଲେ।

**ସରସ୍ୱତୀ ବିଦ୍ୟାମନ୍ଦିର:** ଇବ୍‌ଥର୍ମାଲ: ଲଖନପୁର ବ୍ଲକ ବନ୍ଧବାହାଲ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଆଜି ଉତ୍କଳ ଦିବସ ପାଳିତ ହୋଇଯାଇଛି। ସମାଜସେବୀ ଦ୍ୱିତୀୟା ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବନବାସୀ ଗୌଡ, ପୁଷ୍ପାଞ୍ଜଳି ବାରିକ, ରବି ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଶିଶୁମନ୍ଦିର ପ୍ରଧାନ ଆଚାର୍ଯ୍ୟ ଅରୁଣ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଦେବେନ୍ଦ୍ର ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ।



## ଅନ୍ତର୍ଜାତୀୟ କିନ୍ନର ଦୃଶ୍ୟମାନତା ଦିବସ

ଦେବଗଡ଼,୧।୪(ସମିସ): ଜିଲ୍ଲା ସଂସ୍କୃତି ଭବନଠାରେ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଆନ୍ତର୍ଜାତୀୟ କିନ୍ନର ଦୃଶ୍ୟମାନତା ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀନିବାସ ଜାନୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ଓ ସମ୍ମାନିତ ଅତିଥି ଭାବେ ଶିଶୁ ସୁରକ୍ଷା ଅଧିକାରୀ



ରୋମିଓ ମହାପାତ୍ର, ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଭାତ କୁମାର ଓଝା ଓ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପେନାଲ ଆଡଭୋକେଟ୍ ସ୍ମୃତି ସ୍ୱାଗତ ମିଶ୍ର ଯୋଗଦେଇଥିଲେ। ମଞ୍ଚାସିନ ଅତିଥିମାନେ କିନ୍ନରଙ୍କ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆଇନଗତ ସ୍ୱୀକୃତି ଓ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। କିନ୍ନରମାନଙ୍କ ପ୍ରତି ଜନସାଧାରଣଙ୍କ ମନୋଭାବରେ ପରିବର୍ତ୍ତନ ଆବଶ୍ୟକତା ରହିଥିବା ଅତିଥିମାନେ ମତପ୍ରକାଶ କରିଥିଲେ। ଉପସ୍ଥିତ ୨୫ ଜଣ କିନ୍ନରଙ୍କୁ ଟେବୁଲ୍ ଫ୍ୟାନ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରୁ କିନ୍ନରମାନଙ୍କ ଏକ ସଚେତନତା ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରିଥିଲା। ଜିଲ୍ଲା ସୂଚନା ଓ ଲୋକସମ୍ପର୍କଅଧିକାରୀମନୋରଞ୍ଜନସୂତାରକାର୍ଯ୍ୟକ୍ରମକୁସଂଯୋଜନାକରିଥିବାବେଳେ ବାରକୋଟ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ସୁଜନ୍ ସାହୁ ଧନ୍ୟବାଦ ଦେଇଥିଲେ।

## ଅଷ୍ଟପ୍ରହର ନାମଯଜ୍ଞ ପାଇଁ କଳସ ଯାତ୍ରା

ରିଆମାଳ,୧।୪(ସମିସ): ରିଆମାଳ ବ୍ଲକ୍ ରିଆମାଳ ପଞ୍ଚାୟତ ତିମୁର ଗ୍ରାମରେ ବିଶ୍ୱଶାନ୍ତି ଅଷ୍ଟପ୍ରହରୀ ନାମଯଜ୍ଞ ପାଇଁ ଆଜି ବିରାଟ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ତିମୁର ଯଜ୍ଞ କମିଟି ସଭାପତି ତରଣୀସେନ ପ୍ରଧାନ, ସମ୍ପାଦକ ନାରାୟଣ ଦେହୁରୀଙ୍କ ତତ୍ତ୍ୱାବଧାନରେ ଧରମପୁର ଆଠପଡ଼ା ମା' ତାରିଣୀ ମନ୍ଦିର ନିକଟସ୍ଥ ରାଣୀ ବନ୍ଧରେ ପୂଜକ ବରୁଣ ଦେବତାଙ୍କୁ ପୂଜାର୍ଚ୍ଚନା କରିଥିଲେ। ପରେ ମହିଳା ମାନେ କଳସରେ ଜଳ ଭର୍ତ୍ତି କରି ମଣ୍ଡପ ପର୍ଯ୍ୟନ୍ତ କଳସ ଯାତ୍ରା କରି ଯଜ୍ଞ ମଣ୍ଡପରେ ସ୍ଥାପନା କରିଥିଲେ। କଳସ ଯାତ୍ରା ସମୟରେ ବାବରାକୋଟ, ତାଳବାହାଲି ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେଇ ଭଜନ ଗାନ କରିଥିଲେ। ୩ ଶହରୁ ଉର୍ଦ୍ଧ୍ୱ ମହିଳା କଳସ ଯାତ୍ରାରେ ସାମିଲ ଥିଲେ। ପୂଜକ ଭାବେ ଧ୍ରୁବେଇଧର ନନ୍ଦ, ଗୋଲବଦନ ନନ୍ଦ, ଗୋବର୍ଦ୍ଧନ ଶତପଥି, ଅକ୍ଷୟ ଶତପଥି କାର୍ଯ୍ୟ ତୁଲାଉଥିବା ବେଳେ କର୍ତ୍ତା ଭାବେ ବିନୟ ପ୍ରଧାନ, ଧର୍ମପତ୍ନୀ ଅର୍ଚ୍ଚନା ପ୍ରଧାନ ଦାୟିତ୍ୱ ନିର୍ବାହ କରୁଛନ୍ତି। ଏହା ତିନି ଦିନ ଧରି ଚାଲିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ସନ୍ଧ୍ୟାରେ ଭୁବନେଶ୍ୱରର ପ୍ରବଚିକା ମିନତୀ ସ୍ୱାଇଁଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ବିଜୁ ଯୁବ ଓ ଛାତ୍ର ଜନତା ଦଳର ବିକ୍ଷୋଭ



ଦେବଗଡ଼,୧।୪(ସମିସ): ଓଡ଼ିଶାର ପ୍ରବାଦ ପୁରୁଷ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ବିରୁଦ୍ଧରେ ସାଂସଦ ନିଶିକାନ୍ତ ଦୁବେଙ୍କ ଅଶୋଭନୀୟ ମନ୍ତବ୍ୟ ବିରୁଦ୍ଧରେ ଆଜି ଯୁବ ଓ ଛାତ୍ର ବିଜେଡି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ସାଂସଦ ନିଶିକାନ୍ତଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି। ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ ଆହ୍ୱାନରେ ଦେବଗଡ଼ ଯୁବ ଓ ଛାତ୍ର ବିଜେଡି ପକ୍ଷରୁ ଯୁବ ବିଜେଡି ସଭାପତି ପ୍ରତାପ ଦେବଙ୍କ ନେତୃତ୍ୱରେ ଯୁବ ଓ ଛାତ୍ର ବିଜେଡି କର୍ମକର୍ତ୍ତା ସନ୍ଧ୍ୟାରେ ଗୋପବନ୍ଧୁ ଛକଠାରେ ସାଂସଦ ନିଶିକାନ୍ତଙ୍କ ବିରୁଦ୍ଧରେ ସ୍ଲୋଗାନ ଦେବା ସହ କୁଶପୁତ୍ତଳିକା ଦାହ କରିଥିଲେ। କାର୍ଯ୍ୟକ୍ରମରେ ଛାତ୍ର ବିଜେଡି ସଭାପତି ଭବାନୀ ଶଙ୍କର ସାହୁ, ନଗର ସଭାପତି ଚନ୍ଦ୍ର ଶେଖର ଭୁକ୍ତା, ବରିଷ୍ଠ ବିଜେଡି ନେତା ବିଭୁତି ଗଙ୍ଗଦେବ, କାମାକ୍ଷା ପ୍ରସାଦ ଗଙ୍ଗଦେବ, ସମୀର ରଞ୍ଜନ ପ୍ରଧାନ, ମନୋଜ କୁମାର ପ୍ରଧାନ, ବାରକୋଟ ବ୍ଲକ୍ ସଭାପତି କତାର୍ଥ ସାହୁ, ନଗର ଯୁବ ସଭାପତି ରୂପକ ମାଝୀ, ମାନସ ପ୍ରଧାନ, ଶରତ ମେହେର, ସଞ୍ଜିବ ନାଏକଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

## ବେଁକମୁରାରେ ନାମଯଜ୍ଞ ଉଦ୍‌ଯାପିତ

ଝାରସୁଗୁଡ଼ା,୧।୪(ସମିସ): ଲଖନପୁର ବ୍ଲକ ପଣ୍ଡରି ପଞ୍ଚାୟତ ବେଁକମୁରାର ନାମଯଜ୍ଞ ସମାପନ ହୋଇଯାଇଛି। ଭଗବାନ ପଧାନ ଓ ସୁଜାତା ପଧାନ ଯଜ୍ଞକର୍ତ୍ତା ଦାୟିତ୍ୱ ତୁଲାଇଥିବା ବେଳେ ଦିବାକର ପଧାନ, ପଣ୍ଡିତ ପଧାନ, ରାଜେନ୍ଦ୍ରଭୋଇ, ଯଶୋବନ୍ତପଧାନ, ଆଦିତ୍ୟପଧାନ, ଅନିଲପୋଡ଼ପ୍ରମୁଖଶତ ବୈଷ୍ଣବ ଦାୟିତ୍ୱ ତୁଲାଇଥିଲେ। ଯଜ୍ଞକାର୍ଯ୍ୟକୁ ପୂଜକ ପଣ୍ଡିତ ଆଲୋକ ତ୍ରିପାଠୀ ତୁଲାଇଥିବାବେଳେ ଛତିଶଗଡ଼(କର୍ଣ୍ଣିପାଲି), ସମ୍ବଲପୁର(ଟାଙ୍ଗରପାଲି), ବଲଣ୍ଡା, ପେଚକଟା, ଗୁଥିଏନ ପଡ଼ା, ଟାଙ୍ଗରପାଲି, ବିଶିପାଲି, ଝାରକଣ୍ଟା, ରେମଣ୍ଡାର ସଙ୍କୀର୍ତ୍ତନ ମଣ୍ଡଳୀ ନାମ ଯଜ୍ଞରେ ସାମିଲ ହୋଇଥିଲେ। ଦଧିଭଞ୍ଜନ କାର୍ଯ୍ୟକ୍ରମକୁ ଗାୟକ ରଥାଙ୍ଗ ସାହୁ ଓ ସାଥି ପରିଚାଳନା କରିଥିଲେ। ରାଧାରାଣୀ ସଙ୍କୀର୍ତ୍ତନ ମଣ୍ଡଳୀ ତରଫରୁ ଅଲେଖ ପଧାନ, ମକରଧ୍ୱଜ ମଲ୍ଲିକ, ଭକ୍ତରାମ ପ୍ରଧାନ, ଦିନାନାଥ ପଧାନ, ଭେଲାନ୍ତ ପଧାନ, ରୂପଧର ପ୍ରଧାନ, ରୋହିତ ପ୍ରଧାନ, ଅକ୍ଷୟ ପଧାନ, ସଞ୍ଜୟ ଯୁରିଆ ସହଯୋଗ କରିଥିଲେ।



## ଅଖିଳ ଭାରତୀୟ ମାରୱାଡି ମହିଳା ସମ୍ମେଳନ

ଝାରସୁଗୁଡ଼ା,୧।୪(ସମିସ): ଅଖିଳ ଭାରତୀୟ ମାରୱାଡି ମହିଳା ସମ୍ମେଳନ ଓ ବେଲପହାଡ଼ ଶାଖାର ୨୦୨୬-୨୮ ସତ୍ର ପାଇଁ ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ୟୁପିଏମଏସ ବେଲପହାଡ଼ର ଅଧ୍ୟକ୍ଷ ବିଶ୍ୱନାଥ ଅଗ୍ରୱାଲ ଯୋଗଦେଇଥିଲେ। ସେ ନୂତନ କମିଟିର ଅଧ୍ୟକ୍ଷ ଆଶା ଅଗ୍ରୱାଲ, ସଚିବ ବବିତା ଅଗ୍ରୱାଲ ଏବଂ କୋଷାଧ୍ୟକ୍ଷ ସଙ୍ଗୀତା କେଡିଆଙ୍କୁ ଶପଥ ପାଠ କରାଇଥିଲେ। ସେହିପରି ପ୍ରକଳ୍ପ ପ୍ରମୁଖ ଗାୟତ୍ରୀ ଅଗ୍ରୱାଲ, ଶାଲୁ ସିଂଘାନିଆ, ସରିତା ଭୁବାନିଆ, କୋମଳ ଅଗ୍ରୱାଲ, କଞ୍ଚନ ଅଗ୍ରୱାଲ ଓ ବବିତା ସିଂଘାନିଆଙ୍କୁ ମଧ ଶପଥ ଗ୍ରହଣ କରାଯାଇଥିଲା। ବିଶ୍ୱନାଥ ଅଗ୍ରୱାଲ କହିଥିଲେ, ମହିଳା ସମିତିମାନେ ସମାଜ ସେବା, ସାଂସ୍କୃତିକ ଉନ୍ନତି ଏବଂ ସାମାଜିକ ଏକତାକୁ ବୃଦ୍ଧି କରିବାରେ ମୁଖ୍ୟ ଭୂମିକା ନିଭାନ୍ତି। ଏହି ଅବସରରେ ପୂର୍ବତନ ଅଧ୍ୟକ୍ଷ ରୋଶନୀଙ୍କୁ ପ୍ରଦେଶ ସଂସ୍କାର ସଂସ୍କୃତି ପ୍ରମୁଖ ଭାବେ ନିଯୁକ୍ତ କରାଯିବା ସହ ସମ୍ମାନିତ କରାଯାଇଥିଲା। ଶେଷରେ ସମିତିର ସମସ୍ତ ସକ୍ରିୟ ସଦସ୍ୟଙ୍କୁ ସମ୍ମାନିତ କରାଯାଇଥିଲା।

## ଅବସରକାଳୀନ ସମ୍ବର୍ଦ୍ଧନା



ଦେବଗଡ଼,୧।୪(ସମିସ): ତିଳେଇବଣି ବ୍ଲକ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟ ତିଳେଇବଣି ପରିସରରେ ନିକଟରେ ଅବସର ଗ୍ରହଣ କରିଥିବା କାର୍ଯ୍ୟାଳୟ ସହାୟକ ଅରୁଣ କୁମାର ଗଡନାୟକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ତିଳେଇବଣି ଗୋଷ୍ଠୀ ଶିକ୍ଷା ଅଧିକାରୀ ସିକରେନ୍ଦ୍ର ଛତ୍ରିଆ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ ସାହୁ, ବିଭାଗୀୟ ଅଧିକାରୀ ପ୍ରଶାନ୍ତ ପ୍ରଧାନ, ଜିଲ୍ଲା ଭିନ୍ନକ୍ଷମ ସଂଯୋଜକ ଲିଙ୍ଗରାଜ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଶ୍ରୀ ଗଡ଼ନାୟକଙ୍କୁ କାର୍ଯ୍ୟାଳୟ ଓ ସିଆରସିସିମାନଙ୍କ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁଗୁଡା ସିଆରସିସି ପ୍ରାଣବନ୍ଧୁ ଘଡେଇ ସଂଯୋଜନା କରିଥିବା ବେଳେ ପ୍ରଭାଶୁଣି ସିଆରସିସି ଅଶୋକ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ରିଜର୍ଭ ପଡ଼ିଆରେ ପୁଲିସ ପ୍ରତିଷ୍ଠା ଦିବସ

ଦେବଗଡ,୧।୪(ସମିସ)



ଦେବଗଡ ଜିଲା ପୁଲିସ ପକ୍ଷରୁ ସ୍ଥାନୀୟ ରିଜର୍ଭ ପୁଲିସ ପଡିଆଠାରେ ଆଜି ୯୧ ତମ ଓଡିଶା ପୁଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଦେବଗଡ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅନୀଲ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ରିଜର୍ଭ ଇନ୍ସପେକ୍ଟର ହମ୍ବିରା ସୋରେନଙ୍କ ନେତୃତ୍ୱରେ ଆୟୋଜିତ ପରେଡରେ ଅଭିବାଦନ ଗ୍ରହଣ କରିବା ସହ ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପଠନ କରିଥିଲେ। ଓଡିଶା ପୁଲିସ ସବୁ କ୍ଷେତ୍ରରେ ଆଗକୁ ବଢିଛି। ମାଓବାଦୀ ଦମନ ଏବଂ ଅପରାଧ ନିୟନ୍ତ୍ରଣ କ୍ଷେତ୍ରରେ ପୁଲିସର ଅବଦାନ ବେଶ ପ୍ରଶଂସନୀୟ। ବଳ ପ୍ରୟୋଗ କରି କାର୍ଯ୍ୟ ହାସଲ କରିବା ସେବା ନୁହେଁ। ସମସ୍ତଙ୍କର ସହମତି କ୍ରମେ କର୍ତ୍ତବ୍ୟ ସମ୍ପାଦନ କରିବା ପୁଲିସର ପ୍ରକୃତ ସେବା ବୋଲି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ମିଶ୍ର ନିଜ ଅଭିଭାଷଣରେ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତିଥି ଭାବେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ, ଚତୁର୍ଥ ଆଇଆର୍‌ବି ବାଟାଲିୟନର କମାଣ୍ଡାଣ୍ଟ କାହ୍ନୁ ଚରଣ ହାଂସଦା, ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଧିରଜ କୁମାର ଚୋପଦାର, ସହକାରୀ ବନ ସଂରକ୍ଷିକା ସ୍ୱାଧିନତା ସାହାଣୀ ପ୍ରମୁଖ ଯୋଗ ଦେଇଥିଲେ।

ଏହି ଅବସରରେ ଜିଲ୍ଲା ପୁଲିସ ପକ୍ଷରୁ ମୁଖ୍ୟ ଅତିଥି ତଥା ଜିଲା ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ମିଶ୍ରଙ୍କ ଦ୍ୱାରା ଶ୍ରେଷ୍ଠ ସହକାରୀ ଉପ ଆରକ୍ଷୀ ନୀରୀକ୍ଷକ ଭାବେ ଜିତେନ୍ଦ୍ର କୁମାର ସାମଲ, ଶ୍ରେଷ୍ଠ ମୁଖ୍ୟ ଆରକ୍ଷୀ ଭାବେ ସୁକାନ୍ତ ବେହେରା, ଶ୍ରେଷ୍ଠ ସାଧାରଣ ଆରକ୍ଷୀ ଭାବେ ଝସକେତନ ସାହୁ, ଶ୍ରେଷ୍ଠ ଟ୍ରାଫିକ ସାଧାରଣ ଆରକ୍ଷୀ ଭାବେ ପ୍ରେମାଞ୍ଜଳୀ ବାଘ ଓ ଶ୍ରେଷ୍ଠ ସଶସ୍ତ୍ର ଆରକ୍ଷୀ ଭାବେ ସିଲୁ ପ୍ରଧାନଙ୍କୁ ମାନପତ୍ର ଏବଂ ପୁରସ୍କାର ରାଶି ସହିତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସମ୍ମାନୀତ କରିଥିଲେ। ସେହିପରି ଚତୁର୍ଥ ଆଇଆରବି ବାଟାଲିୟନର କନେଷ୍ଟବଲ ସୁମନ୍ତ ପ୍ରଧାନ, ହାବିଲଦାର ଉପାସୁ ମାହାର, ସବ୍‌ଇନ୍ସପେକ୍ଟର ସତ୍ୟରାମ ମାଝୀ, ହାବିଲଦାର ମେଜର ଚିତରଞ୍ଜନ ମାର୍ଡୀଙ୍କୁ ମାନପତ୍ର ଓ ପୁରସ୍କାର ରାଶି ସହିତ ଚତୁର୍ଥ ଆଇଆର୍‌ବି ବାଟାଲିୟନ କମାଣ୍ଡାଣ୍ଟ କାହ୍ନୁ ଚରଣ ହାସଦା ପୁରସ୍କାର ପ୍ରଦାନ କରିଥିଲେ। ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ଆରକ୍ଷୀ ରାମଚନ୍ଦ୍ର ସ୍ୱାଇଁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଦେବଗଡ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ରମେଶ କୁମାର ମାହାନା, ଡିଆଇବି ଡିଏସପି ପବିତ୍ର କିସାନ ଓ ଏର୍‌ଆରପିସି ଡିଏସ୍‌ପି ଅମୂଲ୍ୟ ପୁନମ ଲାକ୍ରା, ଦେବଗଡ ଥାନା ଅଧିକାରୀ ଶବ୍ୟସାଚୀ ଶତପଥି, ରିଆମାଳ ଥାନା ଅଧିକାରୀ ବିନୟ କେର୍କେଟାଙ୍କ ସମେତ ବହୁ ପୁଲିସ ଅଧିକାରୀ, ପୁଲିସ କର୍ମଚାରୀ, ଅବସରପ୍ରାପ୍ତ ପୁଲିସ ଓ ଅବସରପ୍ରାପ୍ତ ସେନା କର୍ମଚାରୀ ଯୋଗ ଦେଇଥିଲେ।

## କନେଷ୍ଟବଲ ପ୍ରଭାତ ଗଡ଼ନାୟକଙ୍କୁ ଡିଜିପି ଡିସ୍କ୍ ସମ୍ମାନ

ଦେବଗଡ଼,୧।୪(ସମିସ): ପୁଲିସ ବିଭାଗର ସ୍ୱତନ୍ତ୍ର ଶାଖା, ଦେବଗଡରେ କାର୍ଯ୍ୟରତ ଆରକ୍ଷୀ ତଥା କନଷ୍ଟେବଲ ପ୍ରଭାତ ଗଡନାୟକଙ୍କୁ ଡିଜିପି ଡିସ୍କ୍ ସମ୍ମାନରେ ସମ୍ମାନୀତ କରାଯାଇଛି। ଚାକିରି କାଳ ମଧ୍ୟରେ କର୍ତ୍ତବ୍ୟ ନିଷ୍ଠା ଏବଂ ଉତ୍କୃଷ୍ଟ ସେବା ପାଇଁ ତାଙ୍କୁ ଡିଜିପି ଡିସ୍କ୍ ସମ୍ମାନରେ ସମ୍ମାନୀତ କରାଯାଇଛି। ଆଜି ୯୧ ତମ ଓଡିଶା ପୁଲିସ ପ୍ରତିଷ୍ଠା ଦିବସ ଅବସରରେ ଭୁବନେଶ୍ୱର ସ୍ଥିତ ପୁଲିସ ଭବନଠାରେ ଆୟୋଜିତ ଆରକ୍ଷୀ ମହାନିର୍ଦ୍ଦେଶକଙ୍କ



ପଦକ ପ୍ରଦାନ ଉତ୍ସବରେ ଯୋଗଦେଇ ଶ୍ରୀ ଗଡନାୟକ ଏହି ସମ୍ମାନ ଗ୍ରହଣ କରିଛନ୍ତି। ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଯୋଗଦେଇ ଆରକ୍ଷୀ ତଥା କନେଷ୍ଟବଲ ଶ୍ରୀ ଗଡନାୟକଙ୍କୁ ପ୍ରଶଂସା ପତ୍ର ଏବଂ ଡିଜିପି ଡିସ୍କ୍ ସମ୍ମାନ ପ୍ରଦାନ କରିଛନ୍ତି।

ସକାଳ
THE SAKALA



www.sakalaepaper.com

# ନୃସିଂହନାଥ ମନ୍ଦିର ସଫେଇ କର୍ମଚାରୀ ଓ ସିକ୍ୟୁରିଟି ଗାର୍ଡଙ୍କୁ ଛଟେଇ

## ଆଗକୁ ବୈଶାଖ ମେଳା, ସଫେଇ ଚିନ୍ତାରେ ମନ୍ଦିର ପ୍ରଶାସନ

ପାଇକମାଳ, ୧ା୪(ସମିସ)

ବରଗଡ଼ ଜିଲ୍ଲା ନୃସିଂହନାଥ ମନ୍ଦିରର ପ୍ରସିଦ୍ଧ ବୈଶାଖ ମେଳା ଆରମ୍ଭ ହେବାକୁ ଅଳ୍ପ ଦିନ ବାକି ରହିଛି। ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକରେ ଭକ୍ତମାନେ କିପରି ଶୃଙ୍ଖଳାରେ ନୃସିଂହ ମହାପ୍ରଭୁଙ୍କ ଦର୍ଶନ କରି ପାରିବେ ସେନେଇ ବିଶଦ ଆଲୋଚନା ହୋଇଥିଲା। ହେଲେ ଠିକ୍ ବୈଶାଖ ମେଳା ପୂର୍ବରୁ ନୃସିଂହନାଥ ମନ୍ଦିରରେ କାର୍ଯ୍ୟରତ ୨୪ଜଣ ସଫେଇ କର୍ମଚାରୀ ଓ ସିକ୍ୟୁରିଟି ଗାର୍ଡ ମାନଙ୍କୁ ଛଟେଇ କରାଯାଇ ଥିବା ଜଣାପଡ଼ିଛି। ପ୍ରକାଶ ଥାଉକି ୨୦୨୫ ଜୁନ ମାସରୁ ୨ ଜଣ ସୁପରଭାଇଜର ୨୦ ଜଣ ସିକ୍ୟୁରିଟି ଗାର୍ଡ ଓ ୩୦ ଜଣ ସଫେଇ କର୍ମଚାରୀଙ୍କୁ କଟକର ପରିତୋଷ ଏଜେନ୍ସି ନାମକ ଏକ ସଂସ୍ଥା ନିଯୁକ୍ତି ଦେଇଥିଲା। ପ୍ରତି ମାସ ୧୩, ୮୬୦ ଟଙ୍କା ଲେଖାଏଁ ଦରମା ପ୍ରଦାନ କରୁଥିଲା।



କର୍ମଚାରୀ ମାନଙ୍କ ଠାରୁ ମାସକୁ ମାସ ଇପିଏଫ ତଥା ଇଏସଆଇସି ସରକାରୀ ନିୟମ ଅନୁସାରେ ଟଙ୍କା ଦରମାରୁ କଟା ଯାଇ ଜମା କରାଯାଉଥିଲା। ତେବେ ଏହି ଠିକା ସଂସ୍ଥାକୁ ବରଗଡ଼ ଜିଲ୍ଲା ତରଫରୁ ଟଙ୍କା ଦିଆଗଲା ନାହିଁ। ଫଳରେ ଏଠାରେ ଥିବା ୮ଜଣ ସିକ୍ୟୁରିଟି ଗାର୍ଡ ଓ ୧୬ଜଣ ସଫେଇ କର୍ମଚାରୀ ମୋଟ ୨୪ ଜଣଙ୍କୁ ଏପ୍ରିଲ ୧ରୁ ଛଟେଇ କରିଦିଆ ଯାଇଥିବା ଜଣାପଡ଼ିଛି। ତେବେ ସରକାରଙ୍କ ପକ୍ଷରୁ ମାଳ ମାଳ ଯୋଜନା କରାଯାଇ ଏତେ ଟଙ୍କା ଖର୍ଚ୍ଚ ହେଉଛି ଅଥଚ ନୃସିଂହନାଥ ମନ୍ଦିର ଭଳି ଏକ ବିଖ୍ୟାତ ମନ୍ଦିରରେ କାର୍ଯ୍ୟରତ ସଫେଇ କର୍ମଚାରୀଙ୍କୁ ଛଟେଇ କାହିଁକି କରାଗଲା ବୋଲି ପ୍ରଶ୍ନ ଉଠିଛି। ପୁଣି ଏହି କର୍ମଚାରୀ ମାନଙ୍କୁ ନିଯୁକ୍ତି ଦେଲା ବେଳେ ଜନୈକ ବ୍ୟକ୍ତି ସମସ୍ତ କର୍ମଚାରୀ ମାନଙ୍କ ଠାରୁ ଚାକିରି କରାଇ ଦେବାକୁ ଜଣକା ୨୦ରୁ ୩୦ ହଜାର ଲେଖାଏଁ ଟଙ୍କା ଲାଞ୍ଚ ନେଇ ଥିବା ଜଣାପଡ଼ିଛି। ଏହି ଟଙ୍କା କାରବାରରେ କିଏ କିଏ ସଂଶ୍ଳିଷ୍ଟ ସେନେଇ ଏକ ଉଚ୍ଚ ସ୍ତରୀୟ କମିଟି ଗଠନ କରି ତଦନ୍ତ ପାଇଁ ଲୋକ ଦାବି କରିଛନ୍ତି। ନୃସିଂହନାଥ ମନ୍ଦିର ପରିସର ଏହି ସଫେଇ କର୍ମଚାରୀଙ୍କ ଯୋଗୁଁ ପରିଷ୍କାର ରହୁଥିଲା ଏବଂ ସିକ୍ୟୁରିଟି ଗାର୍ଡ ମାନେ ମଧ୍ୟ ଭକ୍ତ ମାନଙ୍କୁ ସାହାଯ୍ୟ ସହଯୋଗ କରୁଥିଲେ। ତେଣୁ ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ତୁରନ୍ତ ଏ ଦିଗରେ ଦୃଷ୍ଟି ଦେବା ପାଇଁ ମତ ପ୍ରକାଶ ପାଇଛି।

# ସାନଜାମପାଲିରେ ଅଗ୍ନିକାଣ୍ଡ: ଟ୍ରାକ୍ଟର ଓ ଜେସିବି ଭସ୍ମୀଭୂତ

● ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ନିଆଁ ଲଗାଇବା ଅଭିଯୋଗ

ଅମ୍ବାଭୋନା, ୧ା୪(ସମିସ): ଅମ୍ବାଭୋନା ଥାନା ଅଧୀନ ସାନଜାମପାଲି ଗାଁରେ ସୋମବାର ରାତିରେ ଘଟିଥିବା ଏକ ଅଗ୍ନିକାଣ୍ଡ ଘଟଣାରେ ଟ୍ରାକ୍ଟର ଓ ଜେସିବି ସମ୍ପୂର୍ଣ୍ଣ ଭାବେ ଭସ୍ମୀଭୂତ ହୋଇଯାଇଛି। ଗାଁର ଫଗୁଲାଲ ନାୟକଙ୍କ ଟ୍ରାକ୍ଟର (ସିଜି୧୩ବିଡି୪୨୭୩) ଓ ଜେସିବି (ଓଡି୧୫ଏ୧୬୧୭୧) ଖୋଲାରେ ରଖାଯାଇଥିବା ବେଳେ



ରାତି ପ୍ରାୟ ୧୧ଟାରେ ହଠାତ୍ ସେଥିରେ ନିଆଁ ଜଳି ଉଠିଥିଲା। ନିଆଁ ଦେଖି ଫଗୁଲାଲ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ନିୟନ୍ତ୍ରଣ କରିଥିଲେ। ମାତ୍ର ସେତେବେଳ ପର୍ଯ୍ୟନ୍ତ ୨ଟିଯାକ ଯାନ ସମ୍ପୂର୍ଣ୍ଣ ଭାବେ ପୋଡି ନଷ୍ଟ ହୋଇଯାଇଥିଲା। ଏହି ଘଟଣା ପଛରେ ପୂର୍ବ ଶତ୍ରୁତା ଥିବା ଅଭିଯୋଗ ହୋଇଛି। ଫଗୁଲାଲ ସାନଜାମପାଲି ଗାଁର ବାବୁରାମ ପଟେଲଙ୍କ ବିରୁଦ୍ଧରେ ନିଆଁ ଲଗାଇଥିବା ଅଭିଯୋଗ କରି ଅମ୍ବାଭୋନା ଥାନାରେ ଲିଖିତ ଏତଲା ଦାଖଲ କରିଛନ୍ତି। ଘଟଣାସ୍ଥଳରେ ଅଭିଯୁକ୍ତ ନିଆଁ ଲଗାଇ ଫେରାର ହେଉଥିବା ବେଳେ ଗାଁର ସୌକି ଦାସ ଦେଖିଥିବା ଓ ସେ ମୋବାଇଲ ଯୋଗେ ଗାଡି ମାଲିକଙ୍କୁ ସୂଚନା ଦେଇଥିବା ଜଣାପଡ଼ିଛି। ଏହି ଘଟଣାକୁ ନେଇ ଅମ୍ବାଭୋନା ଥାନାରେ ମାମଲା ରୁଜୁ ହୋଇଥିବା ବେଳେ ପୁଲିସ ତଦନ୍ତ ଆରମ୍ଭ କରିଛି ଓ ଅଭିଯୁକ୍ତକୁ ଧରିବାକୁ ଚେଷ୍ଟା ଚଳାଇଛି।

# କୁଚିଣ୍ଡାରେ ଡିଜିଟାଲ ଜନଗଣନା ସଚେତନତା

କୁଚିଣ୍ଡା, ୧ା୪(ସମିସ): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଉପଖଣ୍ଡ କୁଚିଣ୍ଡା ତହସିଲ ଠାରେ ଡିଜିଟାଲ ଜନଗଣନା ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଚେତନତା କାର୍ଯ୍ୟକ୍ରମରେ ତହସିଲଦାର ସରିତା ଓରାମ, ବ୍ଲକ ଅଧ୍ୟକ୍ଷ ଭୁବନେଶ୍ୱର କିସାନ, ଜିଲ୍ଲା ପରିଷଦ ସଭ୍ୟ ଦିବ୍ୟରାଜ କିସାନ, ଓକିଲ ସଙ୍ଘ ସଭାପତି ଅଇଠୁଁ ରାଉତ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଗଣମାଧ୍ୟମ ପ୍ରତିନିଧି ସଚେତନ ନାଗରିକ ଓ ତହସିଲ କର୍ମଚାରୀ ଯୋଗଦେଇଥିଲେ। ଏହା ସହିତ ସ୍ୱୟଂ ଗଣନା ପ୍ରକ୍ରିୟା ଆଜିଠାରୁ ଆରମ୍ଭ ହୋଇ ୧ ଏପ୍ରିଲରୁ ୧୫ ଏପ୍ରିଲ ପର୍ଯ୍ୟନ୍ତ ଚାଲିବା ନେଇ ସୂଚନା ଦେଇଛନ୍ତି ତହସିଲଦାର ସରିତା ଓରାମ।

# ବରପାଲି ଷ୍ଟେସନରେ ଅସୁବିଧା ଓ ଅବ୍ୟବସ୍ଥା ଅଭିଯୋଗ

● ୨୦ କୋଟି ବ୍ୟୟ ସତ୍ତ୍ୱେ କାନ୍ଥରେ ଫାଟ

ବରଗଡ଼, ୧ା୪(ସମିସ): ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ବରପାଲି ରେଳଷ୍ଟେସନରେ କରାଯାଇଥିବା ବିଭିନ୍ନ ଉନ୍ନତିମୂଳକ କାମକୁ ନେଇ ବିବାଦ ସୃଷ୍ଟି ହୋଇଛି। ପ୍ରାୟ ୨୦ କୋଟିରୁ ଅଧିକ ଟଙ୍କା ବ୍ୟୟ ହେବା ସତ୍ତ୍ୱେ କାମର ଗୁଣବତ୍ତା ଓ ସୁବିଧା ବ୍ୟବସ୍ଥାକୁ ନେଇ ସ୍ଥାନୀୟ ଲୋକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସ୍ଥାନୀୟ ଲୋକଙ୍କ ଅନୁସାରେ, ଉଦ୍‌ଘାଟନ ପୂର୍ବରୁ ଷ୍ଟେସନ ଭବନର କେତକ ସ୍ଥାନରେ ଫାଟ ଦେଖାଯାଇଛି। ଟାଇଲ ଗୁଡିକ ଭାଙ୍ଗି ଯାଇଛି। ଷ୍ଟେସନରେ ଲିଫ୍ଟ ବ୍ୟବସ୍ଥା ନଥିବା, ପାନୀୟଜଳ ସୁବିଧା ପର୍ଯ୍ୟାପ୍ତ ନ ରହିବା ଓ ଡ୍ରେନେଜ ବ୍ୟବସ୍ଥା ଠିକ ନଥିବା ନେଇ ମଧ୍ୟ ଅଭିଯୋଗ ହୋଇଛି। ରାତିରେ ଷ୍ଟେସନରେ କୁକୁର ବୁଲିବା ଓ ଦିନରେ ଗାଈଗୋରୁ ବିଚରଣ କରିଥିବାରୁ ଯାତ୍ରୀମାନେ ଅସୁବିଧା ଭୋଗୁଛନ୍ତି। ନୂତନ ନିର୍ମାଣ ହେବାକୁ ଥିବା ସତ୍ତ୍ୱେ, ପୁରୁଣା ଭବନକୁ ମରାମତି କରି ନୂଆ ରୂପ ଦିଆଯାଉଥିବା ମଧ୍ୟ ଅଭିଯୋଗ ହେଉଛି। ଷ୍ଟେସନରେ ସୂଚନା ଫଳକ ନଥିବାରୁ ଯୋଜନାର ପାରଦର୍ଶିତା ନେଇ ପ୍ରଶ୍ନ ଉଠିଛି। ଏହା ସହିତ, ବାଇକ ପାର୍କିଂ ଷ୍ଟାଣ୍ଡରେ ଛାତ ନଥିବାରୁ ଯାନବାହନ ଗୁଡିକ ଖୋଲା ଆକାଶ ତଳେ ପଡ଼ି ରହୁଛି। ଏନେଇ ପୂର୍ବରୁ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସ୍ଥାୟୀ ସମାଧାନ ହୋଇ ନଥିବା ଲୋକମାନେ କହୁଛନ୍ତି। ଏତେ ବିପୁଳ ପରିମାଣର ଅର୍ଥ ବ୍ୟୟ ସତ୍ତ୍ୱେ ଯାତ୍ରୀ ସୁବିଧା କେତେଦୂର ପୂରଣ ହେଉଛି ତାହାକୁ ନେଇ ପ୍ରଶ୍ନ ଉଠିଛି।

# ଉପଖଣ୍ଡ ଚିକିତ୍ସାଳୟରେ ଆମ୍ବୁଲାନ୍ସ ସେବା ଶୁଭାରମ୍ଭ

ରେଢ଼ାଖୋଲ, ୧ା୪(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ଉପଖଣ୍ଡ ଚିକିତ୍ସାଳୟରେ ବୁଧବାର ଆମ୍ବୁଲାନ୍ସ ସେବା ଶୁଭାରମ୍ଭ ହୋଇଯାଇଛି। ସମ୍ବଲପୁର



ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସାଂସଦ ପାଣ୍ଠିରୁ ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟକୁ ଏକ ଆମ୍ବୁଲାନ୍ସ ସେବା ଯୋଗାଇ ଦେଇଥିଲେ। ଆଜି ଏହି ସେବାକୁ ଶୁଭାରମ୍ଭ କରାଯାଇଛି। ଏଥିରେ ଅତିଥି ଭାବେ ଉପଜିଲ୍ଲାପାଳ ରଶ୍ମୀରଞ୍ଜନ ମହନ୍ତ, ବିଡିଓ ରାଜେନ୍ଦ୍ର ପ୍ରସାଦ ସେନାପତି, ତହସିଲଦାର ରାମ ଗୋବିନ୍ଦ ପରିଡ଼ା, ଜିଲ୍ଲା ପରିଷଦ ସଭ୍ୟ ଶରତ ପ୍ରଧାନ, ଡାକ୍ତର ଆଦିତ୍ୟ ସୁପକାର ଉପସ୍ଥିତ ହୋଇ ଏହି ଆମ୍ବୁଲାନ୍ସ ସେବାର ଶୁଭାରମ୍ଭ କରିଥିଲେ। ଏହି ଆମ୍ବୁଲାନ୍ସ ସେବା ରେଢ଼ାଖୋଲ ଅଞ୍ଚଳବାସୀ ସରକାରୀ ଏବଂ ବେସରକାରୀ ଚିକିତ୍ସାଳୟକୁ ଯାଇ ପାରିବେ, ଏହି ସେବା ଅଞ୍ଚଳବାସୀ ଉପକୃତ ହେବେ ବୋଲି ଅତିଥିମାନେ ପ୍ରତିକ୍ରିୟା ଦେଇଥିଲେ।

# ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱ-ଜନଗଣନା ଆରମ୍ଭ

ବରଗଡ଼, ୧ା୪(ସମିସ): ବରଗଡ଼ ଜିଲ୍ଲା ପ୍ରଶାସନ ସେନସସ୍ ସେଲ୍ଫ ଅଧୀନରେ ସ୍ୱ-ଜନଗଣନା କାର୍ଯ୍ୟକ୍ରମ ଆରମ୍ଭ ହୋଇ ଯାଇଛି। ଏହି ଅବସରରେ ବିଧାୟକ ଅଶ୍ୱିନୀ ଷଡଙ୍ଗୀ, ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଓ ଜିଲ୍ଲା ମାଜିଷ୍ଟ୍ରେଟ୍, ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ, ପୌର ପରିଷଦ ଅଧ୍ୟକ୍ଷ କଳ୍ପନା ମାଝୀ ନିଜ ନିଜ ବାସଭବନରେ ସ୍ୱ-ଜନଗଣନା କାର୍ଯ୍ୟ କରିଥିଲେ। କାର୍ଯ୍ୟକ୍ରମ ମାଧ୍ୟମରେ ସାଧାରଣ ଲୋକଙ୍କ ମଧ୍ୟରେ ସ୍ୱ-ଜନଗଣନା ପ୍ରତି ସଚେତନତା ସୃଷ୍ଟି ହୋଇଥିବା ସହିତ, ଜନଗଣନାରେ ଅଂଶଗ୍ରହଣ କରି ସଠିକ ତଥ୍ୟ ପ୍ରଦାନ କରିବା ପାଇଁ ଡେପୁଟି କଲେକ୍ଟର ସୁମତି ପଣ୍ଡା ଅନୁରୋଧ କରିଛନ୍ତି।

# ୯୧ତମ ଓଡ଼ିଶା ପୁଲିସ ପ୍ରତିଷ୍ଠା ଦିବସ

● ଶ୍ରେଷ୍ଠ ପୁଲିସ ଭାବେ ୬ ଜଣ ସମ୍ବର୍ଦ୍ଧିତ



ବରଗଡ଼, ୧ା୪(ସମିସ): ବରଗଡ଼ ଜିଲ୍ଲା ପ୍ରତିଷ୍ଠା ଦିବସ ଏବଂ ୯୧ ତମ ଓଡ଼ିଶା ପୁଲିସ ପ୍ରତିଷ୍ଠା ଦିବସ ବରଗଡ଼ ରିଜର୍ଭ ପୁଲିସ ପଡ଼ିଆ ଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ନିଜର କାର୍ଯ୍ୟଦକ୍ଷତା ଏବଂ କାର୍ଯ୍ୟକୁଶଳତା ପାଇଁ ୨୦୨୫/୨୬ ବର୍ଷପାଇଁ ଏପ୍ରିଲ ୧ ତାରିଖ ପୁଲିସ ବିଭାଗରେ ଉତ୍ତମ କାର୍ଯ୍ୟପାଇଁ ଡବ୍ଲୁ ଏସ.ଆଇ ସୁଶୀଲା ତିଗା, ଏଏସଆଇ ବିକ୍ରମ ନାଗ, ହାବିଲଦାର ସୁଶୀଲ ସେଠ, କନେଷ୍ଟବଲ ଅଶୋକ ଭୋଇ, ଡବ୍ଲୁ ସି.କୁମୋଦିନି ଦାଶ ଏବଂ କନେଷ୍ଟବଲ (ଡିଭିଏଫ) ନରେନ୍ଦ୍ର ପୁଟେଲ ପ୍ରମୁଖ ବରଗଡ଼ ଏସପି ପ୍ରହ୍ଲାଦ ସାହାଇ ମୀନାଙ୍କ ଠାରୁ ମାନପତ୍ର ଗ୍ରହଣ କରିଥିଲେ। ଅତିରିକ୍ତ ଏସପି ଶିବ ପ୍ରସାଦ ବିଶ୍ୱାଳ, ଏସଡିପିଓ ପଦାରବିନ୍ଦ ତ୍ରିପାଠୀ, ଡିଏସପି ଶାନ୍ତନୁ ପ୍ରଧାନୀଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ମହେନ୍ଦ୍ରଗିରି ପର୍ବତାରୋହଣ ଶିବିରରେ ସମ୍ବଲପୁର ଜିଲ୍ଲାରୁ ୫୪

ସମ୍ବଲପୁର, ୧ା୪(ସମିସ): ଗଜପତି ଜିଲ୍ଲାସ୍ଥିତ ମହେନ୍ଦ୍ରଗିରି ପର୍ବତାରୋହଣ ଶିବିରରେ ସମ୍ବଲପୁର ଜିଲ୍ଲାର ୫୪ ଜଣ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ, ଜିଲ୍ଲା ସଂଯୋଜକ ଅଧିକାରୀ ସାନ୍ତନୁ ପଧାନ ଓ ସଂଯୋଜକ ଅଧୀକାରୀ ବିନୋଦ ବିହାରୀ ପୃଷେଠଙ୍କ ନେତୃତ୍ୱରେ ଅଂଶଗ୍ରହଣ କରିଛନ୍ତି। ଏହି ଶିବିରରେ ସମ୍ବଲପୁର ଜିଲ୍ଲାର ୮ଟି ମହାବିଦ୍ୟାଳୟ ଯଥା ପାର୍ବତିଗିରି ଡିଗ୍ରୀ ମହାବିଦ୍ୟାଳୟ ମହୁଲପାଲି, ଏନ୍‌ଏସ୍‌ସିବି କଲେଜ ସମ୍ବଲପୁର, ବି.ଜି.ଡି କଲେଜ




କେଶାଇବାହାଲ, ହୀରାକୁଦ ଡିଗ୍ରୀ କଲେଜ, ନାକଟିଦେଉଳ ଡିଗ୍ରୀ କଲେଜ, ଦୂତିକା ସାହୁ ମହାବିଦ୍ୟାଳୟ ଲଇଡା, ଜି.ପି.ଆର୍ କଲେଜ କୁନ୍ତରା ଓ ମହିଳା ମହାବଦ୍ୟାଳୟ ସମ୍ବଲପୁରର ସ୍ୱେଚ୍ଛାସେବୀ ରହିଛନ୍ତି। ରୋପଲିଂ, ଜିପଲାଇନ, ରକ୍ କ୍ଲାଇମ୍ବିଙ୍ଗ, ଭେଲିକ୍ରସିଂ ଓ ଅନ୍ୟାନ୍ୟ କୌଶଳ ଶିକ୍ଷା କରି ସଫଳତାର ସହିତ ପ୍ରତ୍ୟାବର୍ତ୍ତନ କରିଛନ୍ତି।

# ଜନଗଣନା ଲାଗି ସଚେତନତା ରଥ ଉଦ୍‌ଘାଟିତ



ରେଢ଼ାଖୋଲ, ୧ା୪(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ଉପଜିଲ୍ଲାପାଳ ଓ ଏନ୍‌ଏସି କାର୍ଯ୍ୟାଳୟଠାରେ ବୁଧବାର ଭାରତର ପ୍ରଥମ ଡିଜିଟାଲ ଜନଗଣନା ୨୦୨୭ର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକ୍ରମର ଜନଗଣନା ରଥ ଉଦ୍‌ଘାଟିତ ହୋଇଯାଇଛି। ଆଜିଠାରୁ ୧୫ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ପ୍ରଥମ ପର୍ଯ୍ୟାୟର ଡିଜିଟାଲ ଜନଗଣନା ଆରମ୍ଭ ହେବ। ଏଥିରେ ସ୍ଥାନୀୟ ଉପଜିଲ୍ଲାପାଳ କାର୍ଯ୍ୟାଳୟ ସଭାଗୃହ ଠାରେ ରେଢ଼ାଖୋଲ ତହସିଲଦାର ରାମ ଗୋବିନ୍ଦ ପରିଡ଼ାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବରେ ଉପଜିଲ୍ଲାପାଳ ରଶ୍ମୀରଞ୍ଜନ ମହନ୍ତ ଯୋଗଦେଇ ଥିଲେ।

# ମନ୍ଦାକିନୀ ପତି ବରଗଡ଼ ମହିଳା ସମିତି ସଭାନେତ୍ରୀ

ବରଗଡ଼, ୧ା୪(ସମିସ): ମହିଳା ଅଧିକାରକୁ ସୁଦୃଢ଼ କରିବା, ଶିକ୍ଷାକୁ ପ୍ରୋତ୍ସାହିତ କରିବା ଏବଂ ସମାଜରେ ମହିଳାମାନଙ୍କର ସ୍ଥିତିକୁ ଉନ୍ନତ କରିବା ଲକ୍ଷ୍ୟ ନେଇ ବରଗଡ଼ ମହିଳା ସମିତି କାର୍ଯ୍ୟକରୁଥିବା ବାର୍ଷିକ ସାଧାରଣ ସଭାରେ ମତ ପ୍ରକାଶ ପାଇଛି। ଏହି କାର୍ଯ୍ୟଧାରା ଆଗକୁ ମଧ୍ୟ ଅବ୍ୟାହତ ରହିବ ବୋଲି ପ୍ରତିଷ୍ଠାତା ସଦସ୍ୟା ଗୀତା ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ନିଷ୍ପତ୍ତି ନିଆଯାଇଛି। ଏହି ଅବସରରେ ୨୦୨୬-୨୭ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଥିଲା। ମନ୍ଦାକିନୀ ପତି ସଭାନେତ୍ରୀ, ସସ୍ମିତା ପଟ୍ଟନାୟକ ଉପସଭାନେତ୍ରୀ, ରିନୁ ପତି ସମ୍ପାଦିକା, ସୁଜାତା ପ୍ରଧାନ ସହ ସମ୍ପାଦିକା ଓ ତନିମା ଦାଶ କୋଷାଧ୍ୟକ୍ଷା ଏବଂ କାର୍ଯ୍ୟକାରୀ କମିଟି ସଦସ୍ୟା ଭାବେ ଦୀବ୍ୟକାନ୍ତି ଭୋଇ, ଭାଗ୍ୟଲକ୍ଷ୍ମୀ ଦୋରା, ସବିତା ଗୁରୁ, କବିତା




ଦେବତା, ସୁନିତା କର, ଡା. କମଳିନୀ ଶତପଥୀ, ପ୍ରଣତି ପ୍ରଧାନ ପ୍ରମୁଖ ମନୋନୀତ ହୋଇଥିଲେ। ପ୍ରାରମ୍ଭରେ ବିଦାୟୀ ସଭାନେତ୍ରୀ ଅଞ୍ଜନା ଦାସ ବିଦାୟକାଳୀନ ସମ୍ଭାଷଣ ପ୍ରଦାନ ଏବଂ ବିଦାୟୀ କୋଷାଧ୍ୟକ୍ଷା ମମତା ମିଶ୍ର ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ନବ ନିର୍ବାଚିତ ସଭାନେତ୍ରୀ ମନ୍ଦାକିନୀ ପତି ସମସ୍ତଙ୍କ ସହଯୋଗ କାମନା କରିଥିଲେ।

# କୁଲୁଥିକାନିରୁ ଆମ ବସ୍ ସେବା ଆରମ୍ଭ

ସମ୍ବଲପୁର, ୧ା୪ (ସମିସ) : ସମ୍ବଲପୁର କୁଲୁଥିକାନିଠାରେ 'ଆମ ବସ୍' ସେବା ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରୁଟ୍ ନଂ. ୨୦୮ ବସ୍‌ଟି ଧନୁପାଲି ଛକରୁ ବାହାରି ଚାରଭାଟି, କୁଲୁଥିକାନି, ଧନକଉଡା, ଡିଅର ପାର୍କ, ମହିଳା କଲେଜ, ଭୁତାପଡ଼ା ଛକରୁ ୟୁଟର୍ଣ୍ଣ ନେଇ ପୁଣି ଧନକଉଡ଼ା, ସିଟି ଷ୍ଟେସନ, ଅଇଁଠାପାଲି ଦେଇ ବୁର୍ଲା



ପର୍ଯ୍ୟନ୍ତ ଯିବ। ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ କୁଲୁଥିକାନି ନିବାସୀ ମଞ୍ଜୁଲତା ପଣ୍ଡା, ଗୀତା ପଣ୍ଡା, ଯୁଗଳ କିଶୋର ନାୟକ, ପଠାଣି ସାମନ୍ତ ଦାସ, ସିଭିଲ ନାୟକ, ପ୍ରଶାନ୍ତ ନନ୍ଦ, ରାଜେଶ ସାହୁ, ଇନ୍ଦ୍ରମଣି ଦାସ, ରାଜୁ ମହାପାତ୍ର, ଅରବିନ୍ଦ ନାୟକ, ରିକା ପ୍ରମୁଖ ଉପସ୍ଥିତ ଥିଲେ।

● ଭାତ ଥାଳିରେ ନିମ୍ବ ଫୁଲ

# ପରମ୍ପରା, ସ୍ୱାସ୍ଥ୍ୟ ଓ ଚାହିଦାର ମିଶ୍ରଣ

ଝାରବନ୍ଧ, ୧ା୪(ସମିସ): ଗ୍ରାମ୍ୟ ଓଡିଆ ଜୀବନଶୈଳୀରେ ପ୍ରକୃତିର ସହ ମଣିଷର ଗାଢ଼ ସମ୍ପର୍କ ଆଜିବି ସ୍ପଷ୍ଟ ଭାବେ ଦେଖିବାକୁ ମିଳୁଛି। ସେହି ପରମ୍ପରାର ଜ୍ୱଳନ୍ତ ଉଦାହରଣ ହେଲା ଭାତ ଥାଳିରେ ନିମ୍ବ ଫୁଲ, ତରକାରୀ ଓ ଭଜା, ଯାହା ଏବେ ପୁଣି ଲୋକପ୍ରିୟ ହେବାରେ ଲାଗିଛି। ନିମ୍ବ ବୃକ୍ଷକୁ ସର୍ବଗୁଣ ସମ୍ପନ୍ନ ବୃକ୍ଷ ବୋଲି ଗଣାଯାଏ। ଏହାର ପତ୍ର, ଛାଲ, ଫଳ, ଚେର ଓ ତେଲରେ ଭରି ରହିଛି ଅନେକ ଔଷଧୀୟ ଗୁଣ, ଯାହା ମାନବ ସ୍ୱାସ୍ଥ୍ୟ ପାଇଁ ଆଶୀର୍ବାଦ। ସେଥିପାଇଁ ନିମ୍ବ ଫୁଲକୁ ମଧ୍ୟ ଖାଦ୍ୟ ରୂପେ ବ୍ୟବହାର କରିବାର ପରମ୍ପରା ବହୁ କାଳରୁ ରହିଛି। ବିଶେଷକରି ଫାଲ୍‌ଗୁନ ମାସରୁ ନିମ୍ବ ଫୁଲ ଫୁଟିବା ଆରମ୍ଭ ହୋଇ ଚୈତ୍ର ପର୍ଯ୍ୟନ୍ତ ଉପଲବ୍ଧ ହୁଏ। ଏହି



ସମୟରେ ଝାରବନ୍ଧ ବ୍ଲକର ବିଭିନ୍ନ ଅଞ୍ଚଳରେ ନିମ୍ବ ଫୁଲର ଚାହିଦା ବେଶ ବଢ଼ିଥାଏ। ସହରରେ ଏହାକୁ ବଜାରରେ କିଣିବାକୁ ପଡୁଥିବା ବେଳେ ଗ୍ରାମାଞ୍ଚଳରେ ହାତ ପାହାନ୍ତାରେ ସହଜରେ ମିଳିଥାଏ। ଏଣୁ ଲୋକମାନେ ନିଜେ ସଂଗ୍ରହ କରି ଖାଦ୍ୟରେ ବ୍ୟବହାର କରୁଛନ୍ତି। ପାରମ୍ପରିକ ଜ୍ଞାନ ଅନୁସାରେ, ନିମ୍ବ ଫୁଲ ଖାଇଲେ ରୋଗପ୍ରତିରୋଧକ ଶକ୍ତି ବଢ଼େ, ରକ୍ତ ସୁଦ୍ଧ ହୁଏ ଓ ଗ୍ରୀଷ୍ମ ଋତୁରେ ଶରୀରକୁ ସନ୍ତୁଳିତ ରଖିଥାଏ। ଏହାର ସ୍ୱାଦ କଟୁ ହେଲେ ମଧ୍ୟ ସ୍ୱାସ୍ଥ୍ୟ ପାଇଁ ଏହା ଅତ୍ୟନ୍ତ ଉପକାରୀ। ଆଧୁନିକ ଖାଦ୍ୟ ଅଭ୍ୟାସ ମଧ୍ୟରେ ଏହି ପ୍ରାଚୀନ ପରମ୍ପରା ପୁଣି ଲୋକମାନଙ୍କ ଆକର୍ଷଣ କେନ୍ଦ୍ର ହୋଇଛି।

# ଚୈତ୍ର ପୂର୍ଣ୍ଣିମା: ପ୍ରକୃତି, ଧର୍ମ ଓ ଭକ୍ତିର ସମନ୍ୱୟ







● ମାଁ ସମଲେଶ୍ୱରୀଙ୍କ ମହାସ୍ନାନ

ବରଗଡ଼, ୧ା୪(ସମିସ): ପବିତ୍ର ଚୈତ୍ର ପୂର୍ଣ୍ଣିମା ପ୍ରକୃତି, ଧର୍ମ ଓ ଭକ୍ତିର ଏକ ଅଦ୍ଭୁତ ସମନ୍ୱୟ। ଏହି ଦିନଟି ହେଉଛି ମାଁ ସମଲେଶ୍ୱରୀଙ୍କ ମହାସ୍ନାନ ପର୍ବ। ଏହି ପରମ୍ପରା କାହିଁ କୋଉ କାଳରୁ ଚାଲିଆସୁଛି। ଏହି ଦିନ ମଧ୍ୟରାତ୍ରି ପରେ ମନ୍ଦିର ପରିସରରେ ଭକ୍ତମାନଙ୍କ ଭିଡ ଜମିବାକୁ ଲାଗେ। ଭୋର ୩ଟାରୁ ଆରମ୍ଭ ହେଉଥିବା ଏହି ଆଧ୍ୟାତ୍ମିକ କାହା ହାତରେ କ୍ଷୀର ଭରା ବାଲଟିତ କାହା ହାତରେ ଜଳ ଭରା କଳସୀ। ପ୍ରଭାତ ୪ଟାରେ ମନ୍ଦିରର ପହଡ ଭାଙ୍ଗିବା ପରେ ମାଁଙ୍କର ବିଶେଷ ପୂଜା ଆରମ୍ଭ ହୁଏ। ମାଁ ସମଲେଶ୍ୱରୀଙ୍କୁ କ୍ଷୀର, ପାଣି ଓ ଗଙ୍ଗାଜଳର ଧାରାରେ ସ୍ନାନ କରାଯାଏ। ଭକ୍ତମାନଙ୍କ ମଧ୍ୟରେ ବିଶ୍ୱାସ ରହିଛି ଏହିଦିନ ମାଁଙ୍କୁ ଜଳାଭିଷେକ କରାଗଲେ ପୃଥିବୀର ତାପ କମିଥାଏ, ରୋଗବ୍ୟାଧି ଦୂର ହୁଏ ଓ ସମସ୍ତ ଜୀବଜଗତର ମଙ୍ଗଳ ହୁଏ। ଏହି ଅବସରରେ ମାଁଙ୍କୁ ବିଭିନ୍ନ ପ୍ରକାର ସ୍ୱାଦିଷ୍ଟ ଭୋଗ ଅର୍ପଣ କରାଯାଏ। ଏହାକୁ ପାଇବା ପାଇଁ ଭକ୍ତମାନେ ଘଣ୍ଟା ଘଣ୍ଟା ଧରି ଧାଡିରେ ଅପେକ୍ଷା କରନ୍ତି। ଚଳିତ ବର୍ଷ ପଣ୍ଡିତ ବିଘ୍ନରାଜ ଦାଶ, ଚୂଡାମଣୀ ରଥ ପୂଜାର୍ଚ୍ଚନା କରିଥିବା ବେଳେ ନରେନ୍ଦ୍ର ଦାଶ କର୍ତ୍ତା ଦାୟିତ୍ୱ ତୁଲାଇ ଥିଲେ। ମାଁ ସମଲେଶ୍ୱରୀଙ୍କ ମହାସ୍ନାନ ହେଉଛି ଭକ୍ତି, ପରମ୍ପରା ଓ ଏକତାର ପ୍ରତୀକ ଯାହା ଆଜି ମଧ୍ୟ ଲୋକମାନଙ୍କ ହୃଦୟକୁ ଏକତ୍ର କରି ରଖିଛି। ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡର ସମସ୍ତ ସଭ୍ୟ ପୂର୍ଣ୍ଣିମା ପୂଜାରେ ସହଯୋଗ କରିଥିଲେ।

● ସଂକ୍ରିଡ଼ା ମାଁ ବିନ୍ଧ୍ୟବାସିନୀ ପୀଠ

ଥୁଆପାଲି: ଭେଡେନ ବ୍ଲକ ସଙ୍କ୍ରିଡା ପଞ୍ଚାୟତ ମାଁ ବିନ୍ଧ୍ୟବାସିନୀଙ୍କ ପୀଠରେ ଚୈତ୍ର ପୂର୍ଣ୍ଣିମା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଡାଳବ ପଞ୍ଚାୟତର ବାନିପାଲି ଠାରୁ ମାଁ ବିନ୍ଧ୍ୟବାସିନୀଙ୍କ ଛତର ଅଣାଯାଇ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ପ୍ରଥମ ପୂଜା ଚିଚିଣ୍ଡା ଗାଁର କବିସୂର୍ଯ୍ୟ ପୁରୋହିତ ଘରୁ ଆସିଥିବା ପୂଜାସାମଗ୍ରୀରେ ପଣ୍ଡିତ ମାନେ ପୂଜା କରିଥିଲେ। ଏହି ସମୟରେ ଚଣ୍ଡୀପାଠ, ହୋମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ପଣ୍ଡିତ ଦୁଃଖୀଶ୍ୟାମ ମିଶ୍ର, ହରିବନ୍ଧୁ ମିଶ୍ର, ଉଦିତ ବେହେରା, ଶଙ୍କର ବେହେରା, ଗଙ୍ଗାଧର ପୁରୋହିତ, ରାଜେଶ ପୁରୋହିତ, ଉଦ୍ଧବ ଧରେଇ, ମାଧବ ଧରେଇ ପୂଜାର୍ଚ୍ଚନା କରିଥିଲେ। ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ମାଁ ବିନ୍ଧ୍ୟବାସିନୀଙ୍କ ଦର୍ଶନ ଲାଭ କରିଥିଲେ। ବିଭିନ୍ନ ଦାତବ୍ୟ ସଙ୍ଗଠନ ପକ୍ଷରୁ ଅନ୍ନ ଭୋଗ, ଥଣ୍ଡା ପାନୀୟ ଜଳ ବଣ୍ଟନ ହୋଇଥିଲା। ଭେଡେନ ପୁଲିସ ପକ୍ଷରୁ ଆଇଆଇସି ଅନୁପ ବରେଇ ଓ ତାଙ୍କର ଷ୍ଟାଫ ଶାନ୍ତି ଶୃଙ୍ଖଳା ଓ ଟ୍ରାଫିକ ନିୟନ୍ତ୍ରଣ କରିବା ପାଇଁ ସହଯୋଗ କରିଥିଲେ। ମାଁ ବିନ୍ଧ୍ୟବାସିନୀ ଟ୍ରଷ୍ଟ ବୋର୍ଡ ସଦସ୍ୟ ଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ।

● କୁଲିତା ସମାଜ ପକ୍ଷରୁ ଚଣ୍ଡୀପାଠ, ଅମୃତଧାରା ଉଦ୍‌ଘାଟିତ

ସୋହେଲା: ସୋହେଲା ବ୍ଲକ କୁଲିତା ସମାଜ ତରଫରୁ ବୁଧବାର ପବିତ୍ର ଚୈତ୍ର ଚତୁର୍ଦ୍ଦଶୀ ତିଥିରେ କୁଲିତା ସମାଜର ଅଧିଷ୍ଠାତ୍ରୀ ଦେବୀ ରଣେଶ୍ୱର ରାମଚଣ୍ଡୀ ଦେବୀଙ୍କ ଏକ ଦିବସୀୟ ବାସନ୍ତିକ ପୂଜା ସୋହେଲା ରାମଚଣ୍ଡୀ ଭବନରେ ଅନୁଷ୍ଠିତ ହୋଇଛି। ଅବଦେଶ ନାୟକ ସପତ୍ନୀକ ପୂଜାକର୍ତ୍ତା ରହିଥିବା ବେଳେ ସରୋଜ ଦେବତା, ପ୍ରିୟକାନ୍ତ ଦେବତା ସୁମନ୍ତ ପାଣିଗ୍ରାହୀ ଏବଂ ହୃଷିକେଶ ମହାପାତ୍ର ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ସକାଳେ ଶତାଧିକ ମହିଳା କଳସ ଶୋଭାଯାତ୍ରାରେ ସ୍ଥାନୀୟ ପୂର୍ଣ୍ଣିବନ୍ଧରୁ ଜଳ ନେଇ ପୂଜା ସ୍ଥଳୀକୁ ଯାଇଥିଲେ। ପୂଜାରେ ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା, ନଥୁରାମ ଅଗ୍ରୱାଲ, ସୁଶାନ୍ତ ମିଶ୍ର, ବାବୁଲୁ ଦେବତା, ରାହୁଲ ଅଗ୍ରୱାଲ, ଚନ୍ଦ୍ର ଅଗ୍ରୱାଲ, ଭିକି ଅଗ୍ରୱାଲଙ୍କ ସମେତ ବରଗଡ଼ ଜିଲ୍ଲା ସମେତ ପଡୋଶୀ ଛତିଶଗଡ଼ ରାଜ୍ୟର ବରିଷ୍ଠ ସଦସ୍ୟ ମାନେ ଯୋଗ ଦେଇଥିଲେ। ରାମଚଣ୍ଡୀ ଭବନରେ ଜନ ସାଧାରଣଙ୍କୁ ଥଣ୍ଡା ପିଇବା ପାଣି ପ୍ରଦାନ ନିମନ୍ତେ ଯୁବ ବ୍ୟବସାୟୀ ଅଙ୍କୁର ଅଗ୍ରୱାଲ ତାଙ୍କ ମାତା ରଜନୀ ଦେବୀଙ୍କ ସ୍ମୃତିରେ ପ୍ରଦତ୍ତ ଅମୃତଧାରା ପ୍ରକଳ୍ପକୁ ଲୋକାର୍ପଣ କରା ଯାଇଥିଲା। କୁଲିତା ସମାଜ ସଭାପତି ଗୋବିନ୍ଦ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଗିରିଧାରୀ ସାହୁ, ରବୀନ୍ଦ୍ର ପ୍ରଧାନ, ଶ୍ରୀମନ୍ତ ଗୋପାଳ ନାୟକ, ବିକାଶ ଚନ୍ଦ୍ର ନାୟକ, ହାରାଧନ ବାଞ୍ଜି, ରବୀନ୍ଦ୍ର ସାହୁ, ସେବତୀ ସାହୁ, ଗଣତନ୍ତ୍ର ପ୍ରଧାନ, ଚନ୍ଦ୍ରଶେଖର ବାରିକ, ଶେଷଦେବ ପଧାନ, ରାଧାକାନ୍ତ ଭୋଇ, ବିଜୟ ଖମାରୀ, ଯୁଧିଷ୍ଠିର ନାୟକ, ରମାକାନ୍ତ ଭୋଇ, ନନ୍ଦି ଭୋଇ, ଲାଲ ବାରିକ, ନିରଞ୍ଜନ ନାୟକ, ସନ୍ତୋଷ ପଧାନ, ତେଜରାଜ ପଧାନ, ସନ୍ତୋଷିନୀ ପଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ଏବଂ ବରଗଡ଼ ଜିଲ୍ଲା ପ୍ରତିଷ୍ଠା ଦିବସ

**ବରଗଡ଼, ୩୧(ସମିସ)**

ବରଗଡ଼ ଜିଲ୍ଲା ପ୍ରଶାସନ ତଥା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ 'ଓଡ଼ିଶା ଦିବସ ତଥା ବରଗଡ଼ ଜିଲ୍ଲା ପ୍ରତିଷ୍ଠା ଦିବସ' ମହାଆଡମ୍ବର ସହକାରେ ପାଳିତ ହୋଇଛି। ଜିଲ୍ଲାପାଳ ଆଦିତ୍ୟ ଗୋୟଲ ମୁଖ୍ୟ ଅତିଥି ଭାବେ





ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଏସ୍‌ପି ପ୍ରହ୍ଲାଦ ସହାୟ ମୀନା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ ଲୁହା, ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ପୌର ପରିଷଦ ଅଧ୍ୟକ୍ଷା କଳ୍ପନା ମାଝୀ, ଉପ ଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ତାହିର୍ ହୁସେନ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସନ୍ଧ୍ୟାରାଣୀ ନେପାକ, ପୌର ପରିଷଦ ନିର୍ବାହୀ ଅଧିକାରୀ ଦେବାନନ୍ ସାହୁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରହ୍ଲାଦ ଖୋସ୍ଲାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ପୌର ପରିଷଦ ଆନୁକୂଲ୍ୟରେ ପ୍ରାରମ୍ଭ ହୋଇଥିବା 'ସମର୍ପଣ' ସ୍ୱଚ୍ଛତା ଅଭିଯାନ ବିଷୟରେ ଲୋକଙ୍କୁ ସଚେତନ କରିଥିଲେ। ଏହାସହ ବିଦ୍ୟାଳୟ ଛାତ୍ରଛାତ୍ରୀ, ଜିଲ୍ଲା ସ୍ତରୀୟ ଅଧିକାରୀ ଏବଂ କର୍ମଚାରୀଙ୍କ ସହ ଗାନ୍ଧୀଛକ ଓ ତାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳକୁ ସଫା କରିଥିଲେ। ଜିଲ୍ଲାର ସମସ୍ତ ବରିଷ୍ଠ ଅଧିକାରୀ, ଶିକ୍ଷାବିତ୍, ବୁଦ୍ଧିଜୀବୀ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଓଡ଼ିଶା ଦିବସ ତଥା ଜିଲ୍ଲା ପ୍ରତିଷ୍ଠା ଦିବସ ପାଳନର ତାତ୍ପର୍ଯ୍ୟ ଏବଂ ବରପୁତ୍ରମାନଙ୍କର ଅବଦାନ ସ୍ମରଣ କରିବା ଉଦ୍ଦେଶ୍ୟରେ ସାଧାରଣ

## ଶୁଭାରମ୍ଭ ହେଲା ଜିଲ୍ଲାସ୍ତରୀୟ ଓଡ଼ିଆ ପକ୍ଷ

## ଫଟୋଚିତ୍ର ପ୍ରଦର୍ଶନୀ ଓ ସମ୍ବଲପୁରୀ ଚିତ୍ରକଳା ଆକର୍ଷଣର କେନ୍ଦ୍ରବିନ୍ଦୁ

ସଭା ଓ ଫୋଟୋଚିତ୍ର ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଏବଂ ସମସ୍ତ ସମ୍ମାନିତ ଅତିଥି ବରପୁତ୍ରମାନଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରି ଫଟୋଚିତ୍ର ପ୍ରଦର୍ଶନୀର ଶୁଭାରମ୍ଭ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ଓଡ଼ିଶାର ସମସ୍ତ ବରପୁତ୍ରଙ୍କ ଅବଦାନକୁ ସ୍ମୃତିଚାରଣ କରିଥିଲେ। ସ୍ଥାନୀୟ କଳାକାରଙ୍କ ଦ୍ୱାରା ଦେଶାତ୍ମବୋଧକ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଅତିଥିମାନେ ଓଡ଼ିଶାର ସମୃଦ୍ଧ ସଂସ୍କୃତି, ପରମ୍ପରା ଏବଂ ଭାଷାର ପ୍ରଚାର ପ୍ରସାର ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ଜିଲ୍ଲା ସ୍ତରରେ ପାଳନ ହେବାକୁ ଥିବା 'ଓଡ଼ିଆ ପକ୍ଷ ୨୦୨୬'ର ଶୁଭାରମ୍ଭ କରିଥିଲେ। ମୁଖ୍ୟ ଅତିଥି ତଥା ଜିଲ୍ଲାପାଳ ଶ୍ରୀ ଗୋୟଲ ସଭାକୁ ସମ୍ବୋଧିତ କରି ଭାଷା ଭିତ୍ତିକ ରାଜ୍ୟ ଗଠନ ଏବଂ ମାତୃଭାଷା ସୁରକ୍ଷା ପାଇଁ ହୋଇଥିବା ସଂଗ୍ରାମ ତଥା ସ୍ୱାଧୀନତା ସଂଗ୍ରାମରେ ଆମ ବରପୁତ୍ର ମାନଙ୍କ ସଂଘର୍ଷ ବିଷୟରେ ବର୍ଣ୍ଣନା କରିଥିଲେ। ବିକଶିତ ବରଗଡ଼, ବିକଶିତ ଓଡ଼ିଶା ଗଠନ ପାଇଁ ସମସ୍ତଙ୍କୁ ଏକତ୍ରିତ ହୋଇ କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେଇଥିଲେ। ସମସ୍ତ ସମ୍ମାନିତ ଅତିଥି ମାତୃଭାଷା ଓଡ଼ିଆକୁ ଭଲ ପାଇବା ତଥା ତାର ସୁରକ୍ଷା ଓ ବିକାଶ ଦିଗରେ ଚେଷ୍ଟା କରିବାକୁ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଜଣେ ଦାୟିତ୍ୱବାନ ନାଗରିକ ଭାବେ ରାଜ୍ୟ ତଥା ଜିଲ୍ଲାର ଉନ୍ନତି ପାଇଁ ଚେଷ୍ଟା କରିବା ସହ ଆମ ଜିଲ୍ଲାର ଜନ୍ମଦିନରେ କିଛି ଉପହାର ଦେବାକୁ କହିଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କ ସମେତ ଜିଲ୍ଲାର ଉତ୍ତମ ବୁଣାକାର, ସଫଳ ଚାଷୀ, କଳାକାର, ସ୍ୱଚ୍ଛ ସାଥି ଏବଂ ବାଲ ଧନୁଯାତ୍ରାର କଂସ ଭୂମିକାରେ ଅଭିନୟ କରୁଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଖୋସ୍ଲା ସଭାକୁ ପରିଚାଳନା କରିଥିଲେ। ଏହାପରେ ସମସ୍ତେ ମହାତ୍ମା ଗାନ୍ଧୀ, ସ୍ୱଭାବ କବି ଗଙ୍ଗାଧର ମେହେର, ବହ୍ନି କନ୍ୟା ପାର୍ବତୀ ଗିରି, ଡ.ଆମ୍ବେଦକର ଏବଂ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତି ସମେତ ଜିଲ୍ଲା ମୁଖ୍ୟାଳୟରେ ଥିବା ସମସ୍ତ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହାସହ ଗାନ୍ଧୀ ଛକ ଠାରେ ଚାରାରୋପଣ କରିଥିଲେ।

### ପଦ୍ମପୁର ଉପଜିଲ୍ଲାପାଳ କାର୍ଯ୍ୟାଳୟ

**ପଦ୍ମପୁର:** ପଦ୍ମପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆନୁକୂଲ୍ୟରେ ବୁଧବାର ଉପଖଣ୍ଡସ୍ତରୀୟ ଓଡ଼ିଶା ଦିବସ ତଥା ବରଗଡ଼ ପ୍ରତିଷ୍ଠା ଦିବସ ସମାରୋହ ୨୦୨୬ ମହାଆଡମ୍ବରରେ ପାଳିତ ହୋଇଛି। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ସ୍ମୃତିକୁ ମନେ ପକାଇବା ସହ ବରଗଡ଼ ଜିଲ୍ଲା ପ୍ରତିଷ୍ଠା ଦିବସକୁ ପାଳନ କରାଯାଇଥିଲା। ପଦ୍ମପୁର ଉପଜିଲ୍ଲାପାଳଙ୍କ ସଭାଗୃହରେ ମୁଖ୍ୟ ସମାରୋହ ଆୟୋଜିତ ହୋଇଥିଲା। ଓଡ଼ିଶା ପ୍ରଦେଶ ଗଠନରେ ଭୂମିକା ନେଇଥିବା ସଂଗ୍ରାମୀମାନଙ୍କ ଜୀବନୀ ଓ ସଂଘର୍ଷମୟ କାହାଣୀକୁ ଆଧାର କରି ଫଟୋଚିତ୍ର ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଏହି ଅବସରରେ ସାଧାରଣ ସଭା ଅନୁଷ୍ଠିତ ହୋଇ ଓଡ଼ିଶାର ସମୃଦ୍ଧ ଐତିହ୍ୟ, ସଂସ୍କୃତି ଓ ବରଗଡ଼ ଜିଲ୍ଲାର ପରିଚୟ ଉପରେ ଆଲୋଚନା ହୋଇଥିଲା। ମୁଖ୍ୟ ଅତିଥି ଭାବେ ଅଞ୍ଚଳ ମହାବିଦ୍ୟାଳୟ ଓଡ଼ିଆ ବିଭାଗ ଅଧ୍ୟାପକ ସରୋଜ ନାୟକ ଯୋଗ ଦେଇଥିଲେ। ଓଡ଼ିଶା ଗଠନର ଇତିହାସ ଓ ଭାଷା ଆନ୍ଦୋଳନର ଗୌରବମୟ ଇତିହାସ ଉପରେ ଆଲୋକପାତ କରିଥିଲେ। ସମ୍ମାନୀୟ ଅତିଥି ଭାବେ ଅଧ୍ୟକ୍ଷା କଳ୍ପନା ନାଥ, ମହିଳା ଡିଗ୍ରୀ ମହାବିଦ୍ୟାଳୟ ଓ ସହକାରୀ ଜିଲ୍ଲାପାଳ ସନ୍ତୋଷ ପତି ପ୍ରମୁଖ ଉପସ୍ଥିତ ଥିଲେ। ସଭାପତି ଭାବେ ଡେପୁଟି କଲେକ୍ଟର ଭବାନୀ ଶଙ୍କର ମହନ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୁନି ଛାତ୍ରୀମାନଙ୍କ ଦ୍ୱାରା 'ବନ୍ଦେ ଉତ୍କଳ ଜନନୀ' ଗୀତ ଗାୟନ କରାଯାଇଥିଲା। ପୂର୍ବତନ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ବର୍ତ୍ତମାନ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନତ ପାଢ଼ୀ ଧନ୍ୟବାଦ୍ ଜ୍ଞାପନ କରିଥିଲେ। ଏହି ସମାରୋହରେ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ, ପୁଲିସ ପ୍ରତିନିଧି, ଶିକ୍ଷାବିଦ୍ ଓ ପଦ୍ମପୁରର ବହୁ ସମ୍ମାନୀୟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ।



### ବରପାଲି ଲିଟିଲ ଆଞ୍ଜେଲ୍ସ ପବ୍ଲିକ ସ୍କୁଲ

**ବରପାଲି:** ବରପାଲି ଲିଟିଲ ଆଞ୍ଜେଲସ ପବ୍ଲିକ ସ୍କୁଲ ପରିସରରେ ଉତ୍କଳ ଦିବସ ଓ ବରଗଡ଼ ଜିଲ୍ଲା ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା ନିର୍ଦ୍ଦେଶିକା ସୁନିତା ମୁଣ୍ଡ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ। ଅଧ୍ୟକ୍ଷା ମଧୁସ୍ମିତା ମୁଣ୍ଡ, ଉପାଧ୍ୟକ୍ଷ ସୁଶୀଳ ରଥ ଓ ପ୍ରଶାସନିକ ଅଧିକାରୀ ମିନତି ପ୍ରଧାନ ଉପସ୍ଥିତ ଥିଲେ। ଛାତ୍ର ପ୍ରାଗୁନ ଦାଶ ଅତିଥିଙ୍କ ସ୍ୱାଗତ ଅଭିଭାଷଣ ଓ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପରେ ଛାତ୍ରୀ ସୁଲଗ୍ନା ପୁରୋହିତ ସଂକ୍ଷେପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପରିଚାଳନା ନିର୍ଦ୍ଦେଶିକା ତାଙ୍କ ଅଭିଭାଷଣରେ ରାଜ୍ୟ ତଥା ଜିଲ୍ଲାର ସଂସ୍କୃତି ପରମ୍ପରାକୁ ଉଜ୍ଜୀବିତ ରଖିବା ପାଇଁ ଛାତ୍ରସମାଜକୁ ଆହ୍ୱାନ କରିଥିଲେ। ଛାତ୍ରଛାତ୍ରୀ ଗୀତିନାଟିକା 'ଦୀନ ମାନଙ୍କ ବନ୍ଧୁ-ଗୋପବନ୍ଧୁ' ପ୍ରଦର୍ଶିତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ସ୍ମୃତିରେ ଉତ୍କଳ ପ୍ରଦର୍ଶନୀକୁ ପରିଚାଳନା ନିର୍ଦ୍ଦେଶିକା ସୁନିତା ମୁଣ୍ଡ ସଭାପତି ଡା.ସୁବ୍ରତ ମୁଣ୍ଡ ଉଦ୍‌ଘାଟନ କରିଥିଲେ। ପ୍ରଦର୍ଶନୀରେ ଛାତ୍ରଛାତ୍ରୀ ଉତ୍କଳର ପ୍ରାଚୀନ ଗୌରବମୟ ଐତିହ୍ୟ ଓ ସଂସ୍କୃତିକୁ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

# ଶିକ୍ଷାନୁଷ୍ଠାନରେ ଉତ୍କଳ ଦିବସ

### ବିଦ୍ୟା ସାଗର ଏକାଡେମୀ

**ବରଗଡ଼, ୩୧(ସମିସ):** ବିଦ୍ୟାସାଗର ଏକାଡେମୀରେ ଉତ୍କଳ ଦିବସ ଅତି ଆଡମ୍ବରରେ ପାଳିତ ହୋଇଛି। ମୁଖ୍ୟ ଅତିଥି ଭାବେ ଅନୁଷ୍ଠାନର ଚେୟାରମ୍ୟାନ ବଳରାମ ବିଶି ଏବଂ ଅନ୍ୟତମ ଅତିଥି ରୂପେ ଅନୁଷ୍ଠାନର ପ୍ରଶାସନିକ ନିର୍ଦ୍ଦେଶିକା ଶୁଭ୍ରନିତା ବିଶି, ନିର୍ଦ୍ଦେଶକ ଡ.ଜୟଦେବ ଭୋଇ, ସୁଧାମୟୀ ଭୋଇ, ସିବିଏସଇ ଅଧ୍ୟକ୍ଷ ଦିଲୀପ ମିଶ୍ର ଏବଂ ସିଏଚଏସଇ ଅଧ୍ୟକ୍ଷ ବିକାଶ ସେନ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ଛାତ୍ରୀ ହିନା ଖମାରୀ ଓ ସୀମା ସ୍ୱାଗତ ଭାଷଣ ଦେଇଥିଲେ। ମିଶ୍ର ସାରଙ୍କ ତତ୍ତ୍ୱାବଧାନରେ ସଭା ହୋଇଥିଲା। ବିଦ୍ୟାଳୟର ଚେୟାରମ୍ୟାନ ଉତ୍କଳ ଦିବସର ମହତ୍ୱ ଏବଂ ଐତିହାସିକ ବିବରଣୀରଖିଥିଲେ। ଅଧ୍ୟାପକ ସୁରେନ୍ଦ୍ର, ବିଜୟ ପ୍ରଧାନ, ମାନସ ଭୋଇ, ଫକୀର ପୁଝାରୀ ନିଜ ନିଜ ବକ୍ତବ୍ୟରଖି ଥିଲେ। ଅଧ୍ୟକ୍ଷ ବିକାଶ ସେନ ବରଗଡ଼ ଜିଲ୍ଲାର ପ୍ରତିଷ୍ଠା ଦିବସ ଉପରେ ଆଲୋକପାତ କରିଥିଲେ। ଶେଷରେ ଇଂରାଜୀ ଅଧ୍ୟାପକ ଡୋଳାମଣି ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

### ସରସ୍ୱତୀ ଶିଶୁ ମନ୍ଦିର

**ପଦ୍ମପୁର:** ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପଦ୍ମପୁର ଠାରେ ପ୍ରଥମ ଦିନୋତ୍ସବ ଓ ଉତ୍କଳ ଦିବସ ପାଳିତ ହୋଇଯାଇଛି। ଅନ୍ତର୍ଯ୍ୟାମୀ ମେହେରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଦିକ ଯଜ୍ଞରେ ରୁଦ୍ରନାରାୟଣ ଭୋଇ ସପତ୍ନିକ ମୋନାଲିସା ସ୍ୱାଇଁ, ଉମେଶ ସାହୁ ସପତ୍ନିକ ରଜନୀ ସାହୁ, ଦିନେଶ ସାହୁ ସପତ୍ନିକ ରଶ୍ମିରାଣୀ ସାହୁ, ବାବୁଲୁ ମୁଣ୍ଡ ସପତ୍ନିକ ରିଙ୍କି ମୁଣ୍ଡ ପ୍ରମୁଖ ଯଜ୍ଞକର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପରିଚାଳନା ସମିତି ସଦସ୍ୟା ଅଲିଭା ରଥ କ୍ଷୀରୋଦ୍ରୀ ପାଣିଗ୍ରାହୀ, ସୁଶାନ୍ତ ସାହୁ ସପତ୍ନିକ ଜ୍ୟୋତ୍ସ୍ନାରାଣୀ ସାହୁ ଯୋଗଦାନ କରିଥିଲେ। ନୂଆଁପାଲି ଆଶ୍ରମର ଦୁଇ ଜଣ ଭାଇ ଶ୍ରୀମାନ ତାପସ ବାରିକ ଓ ଦେବେଶ ସାହୁ ପୁରୋହିତ କାର୍ଯ୍ୟ ନିର୍ବାହ କରିଥିଲେ। କାର୍ଯ୍ୟକ୍ରମରେ



ମଞ୍ଚାସୀନ ଥିଲେ। ପ୍ରଧାନଆଚାର୍ଯ୍ୟ ଚୈତନ୍ୟ ଭୋଇ ସ୍ୱାଗତ ଭାଷଣ, ଅତିଥି ପରିଚୟ ସହିତ ଉଦ୍ଦେଶ୍ୟ କଥନ କରିଥିଲେ। ଦୁର୍ବାଦଳ ସାହୁ ଗୁରୁଜୀ କାର୍ଯ୍ୟକ୍ରମର ସଂଯୋଜନା କରି ଧନ୍ୟବାଦ ଅର୍ପଣ କରିଥିଲେ। ନୀତୁ ସାହୁ ଗୁରୁମା ସୂଚନା ପ୍ରଦାନ କରିଥିଲେ। ଉତ୍କଳ ଦିବସ ପାଳନରେ ଦିବା ପର୍ଯ୍ୟାୟ ପ୍ରମୁଖ ମୁଦିରଥ ପଣ୍ଡା ଉଦ୍ଦେଶ୍ୟ କଥନ କରିଥିଲେ। ପ୍ରଦୀପ ରାଜହଂସ ବୌଦ୍ଧିକ ପ୍ରଦାନ କରିଥିଲେ। ବୁଲୁସାହୁ ସଂଯୋଜନା କରିଥିବା ବେଳେ ସବିତା ମିର୍ଦ୍ଧା ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ବିଦ୍ୟାମନ୍ଦିର ପରିସରରେ ବିଦ୍ୟାମନ୍ଦିର ପ୍ରମୁଖ ଦେବରାଜ ଡନସନା ଉତ୍କଳ ଦିବସ ପାଳନର ମହତ୍ତ୍ୱ ତଥା ମହାପୁରୁଷ ମାନଙ୍କ ଅବଦାନ ବିଷୟରେ ଆଲୋକପାତ କରିଥିଲେ। ପ୍ରଥମ ଦିନୋତ୍ସବର ଯଜ୍ଞକର୍ତ୍ତା ଭାବେ ସୁନୀଲ ପାଣିଗ୍ରାହୀ ସପତ୍ନିକ ମାତୃଭାରତୀ ସଦସ୍ୟା ବୃନ୍ଦ, ଅଭିଭାବକ, ଅଭିଭାବିକା ଯୋଗଦେଇ ଥିଲେ।

### ଛିନ୍ଦେଇକେଲା ହାଇସ୍କୁଲ

**ପାଇକମାଲ:** ପାଇକମାଲ ବ୍ଲକ ଛିନ୍ଦେଇକେଲା ହାଇସ୍କୁଲରେ ବୁଧବାର ପ୍ରଧାନଶିକ୍ଷକ କାହ୍ନୁଚରଣ ମେହେରଙ୍କ ସଭାପତିତ୍ୱରେ ଉତ୍କଳ ଦିବସ ପାଳିତ ହୋଇଯାଇଛି। ଅତିଥି ଭାବେ ସାମ୍ବାଦିକ ଗିରୀଶ ମାଝୀ ଓ ସମ୍ମାନିତ ଅତିଥି ଭାବେ ବରିଷ୍ଠ ଶିକ୍ଷକ ଫକୀର ମୋହନ ବାରିକ, ଅଶ୍ୱିନୀ ସାହୁ, ହେମସାଗର ସାହୁ, ଜ୍ୟୋତିରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ଶିକ୍ଷକ ଫକୀର ମୋହନ ବାରିକଙ୍କ ସମେତ ମଞ୍ଚାସୀନ ଅତିଥିମାନେ ଉତ୍କଳ ଦିବସର ମହତ୍ତ୍ୱ ବିଷୟରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ଶେଷରେ ଶିକ୍ଷକ ହେମସାଗର ସାହୁ ଧନ୍ୟବାଦ ଦେଇଥିଲେ।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ପାଇକମାଲ, ୩୧(ସମିସ):** ପାଇକମାଲ ବ୍ଲକ ଝାରବନ୍ଧ ପଞ୍ଚାୟତ ତଥା ମାଳପଡ଼ା କ୍ଲଷ୍ଟର ଅଧୀନ ଜଳଗଡ଼ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବାସବ ମାଝୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ମାଳପଡ଼ା କ୍ଲଷ୍ଟର ସିଆରସିସି ସନ୍ତୋଷ ମେହେରଙ୍କ ଅଧ୍ୟକ୍ଷତାରେ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ପାଇକମାଲ ଏବିଇଓ ରାଧେଶ୍ୟାମ ମେହେର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଝାରବନ୍ଧ ହାଇସ୍କୁଲ ପ୍ରଧାନଶିକ୍ଷକ ଆଶାକାନ୍ତ ରଣା, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ସହଦେବ ଧରୁଆ, ଜଳଗଡ଼ ସ୍କୁଲ ଚେୟାରମ୍ୟାନ ଚନ୍ଦ୍ରମଣି ବୁଡେକ ପ୍ରମୁଖ ମଞ୍ଚାସୀନ ଥିଲେ। ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ସ୍କୁଲ ପରିଚାଳନା କମିଟି ସଦସ୍ୟ ସଦସ୍ୟା ତଥା ଗ୍ରାମବାସୀଙ୍କ ଦ୍ୱାରା ଶ୍ରୀ ମାଝୀଙ୍କୁ ପୁଷ୍ପଗୁଚ୍ଛ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାହୋଇଥିଲା। ଶିକ୍ଷକ ଜୀବର୍ଦ୍ଧନ ବିଶି ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ବରିଷ୍ଠ ଶିକ୍ଷକ ଫକୀର ମୋହନ ବାରିକ ସଭା ପରିଚାଳନା କରିଥିଲେ। ମାଳପଡ଼ା କ୍ଲଷ୍ଟର ଅଧୀନରେ ଥିବା ସମସ୍ତ ବିଦ୍ୟାଳୟ ଶିକ୍ଷକ, ଶିକ୍ଷୟିତ୍ରୀ ତଥା ଜଳଗଡ଼ ପ୍ରାଥମିକ ବିଦ୍ୟାଳୟର ସମସ୍ତ ଅଭିଭାବକ, ଅଭିଭାବିକା, ସ୍କୁଲ ପରିଚାଳନା କମିଟି ସଦସ୍ୟ ସଦସ୍ୟା ତଥା ଗ୍ରାମବାସୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷରେ ଶିକ୍ଷକ ହେମକାନ୍ତ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

## ଗନ୍ଧମାର୍ଦ୍ଦନର ବିକାଶ ଓ ପଦ୍ମପୁର ଜିଲ୍ଲା ଗଠନ ପାଇଁ ଦାବିପତ୍ର

**ପାଇକମାଲ, ୩୧(ସମିସ):** ନୃସିଂହନାଥ ଗନ୍ଧମାର୍ଦ୍ଦନ ବିକାଶ ପରିଷଦ ଓ ପଦ୍ମପୁର ଜିଲ୍ଲା କାର୍ଯ୍ୟକାରୀ କମିଟି ତରଫରୁ ପାଇକମାଲ ପୂଜା କଲ୍ୟାଣ ମଣ୍ଡପରେ ସଭା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକାରୀ କମିଟିର କେନ୍ଦ୍ରୀୟ ଆବାହକ ରାଜ ସେଠଙ୍କ ଆହ୍ୱାନରେ ସଞ୍ଜୟ ବହିଦାରଙ୍କ ସଭାପତିତ୍ୱରେ ବ୍ଲକ ସ୍ତରୀୟ ସଭା ହୋଇଥିଲା। ମୁଖ୍ୟତଃ ଦୁଇଟି ଦାବିକୁ ନେଇ ଆଲୋଚନା ହୋଇଥିଲା। ପ୍ରଥମେ ନୃସିଂହନାଥ, ଗନ୍ଧମାର୍ଦ୍ଦନ ପର୍ବତର ବିକାଶ ଓ ଦ୍ୱିତୀୟରେ ପଦ୍ମପୁର ଜିଲ୍ଲା ଗଠନ। ଆଲୋଚନାରେ ମାଣ୍ଡିଆଡ଼ିପା ସରପଞ୍ଚ ଚନ୍ଦ୍ରିକା ସାହୁ, ପାଇକମାଲ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ସଞ୍ଜୀବ ବରିହା, ଛିନ୍ଦେଇକେଲା ସମିତି ସଭ୍ୟ ମହେନ୍ଦ୍ର ଭୋଇ, ଭେଙ୍ଗରାଜପୁର ସମିତି ସଭ୍ୟ ଯତୀନ ଭୋଇ, ମିଠାପାଲି ସମିତି ସଭ୍ୟ ରମଳା ଲୁହାର, ମାଣ୍ଡିଆଡ଼ିପା ସମିତି ସଭ୍ୟ ଦମୟନ୍ତୀ ସାହୁ, ଜାମସେଠ ସରପଞ୍ଚ ଆର୍ତ୍ତତ୍ରାଣ ସାହୁ, ପୂର୍ବତନ ସରପଞ୍ଚ ଧବଳେଶ୍ୱର ସାହୁ, ପୂର୍ବତନ



ଜିଲ୍ଲାପରିଷଦ ବିପ୍ର ବିଶି ପ୍ରମୁଖ ଯୋଗ ଦେଇଥିଲେ। ସଙ୍ଗଠନର ଉପଦେଷ୍ଟା ସଞ୍ଜୟ ବହିଦାରଙ୍କ ନେତୃତ୍ୱରେ ସମସ୍ତେ ପାଇକମାଲ ବିଡିଓଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ଗନ୍ଧମାର୍ଦ୍ଦନ ପର୍ବତର ବିକାଶ ଓ ପଦ୍ମପୁର ଜିଲ୍ଲା ଗଠନ ବିଷୟରେ ଲିଖିତ ଦାବିପତ୍ରକୁ ବିଡିଓ ପ୍ରଫୁଲ୍ଲ ଓଡ୍ଡଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା। ମୋହନ ଜଗତ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

### ■ ରାଜ୍ୟସଭାରେ ନିରଞ୍ଜନ ବିଶିଙ୍କ ଓଜସ୍ୱିନୀ ଭାଷଣ

## ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କୁ ଭାରତରତ୍ନ ଦାବି

**ପଦ୍ମପୁର, ୩୧(ସମିସ):** ରାଜ୍ୟସଭାର ଶୂନ୍ୟକାଳରେ ସାଂସଦ ନିରଞ୍ଜନ ବିଶି ମହାନ ଆଦିବାସୀ ସ୍ୱାଧୀନତା ସଂଗ୍ରାମୀ, ଜନଜାତିର ଜନନାୟକ, କ୍ରାନ୍ତିବୀର ବିର୍ସା ମୁଣ୍ଡାଙ୍କୁ ମରଣୋତ୍ତର ଭାରତରତ୍ନ ପ୍ରଦାନ ପାଇଁ ଦୃଢ଼ ଦାବି କରିଛନ୍ତି। ସେ କହିଥିଲେ ଯେ ବିର୍ସା ମୁଣ୍ଡା କେବଳ ଏକ ଐତିହାସିକ ବ୍ୟକ୍ତି ନୁହେଁ, ସେ ଲକ୍ଷାଧିକ ଲୋକଙ୍କ ପାଇଁ 'ଧର୍ତି ଆବା' ଓ ଭଗବାନର ପ୍ରତୀକ। ୧୮୯୫ରୁ ୧୯୦୦ ମଧ୍ୟରେ ସେ ଉଲଗୁଲାନ (ମହାନ ବିପ୍ଳବ) ମାଧ୍ୟମରେ ଇଂରେଜ ଶାସନ, ଜମିଦାରୀ ଶୋଷଣ ଓ ବେଠି ବେଗାରୀ ପ୍ରଥା ବିରୋଧରେ ଆନ୍ଦୋଳନ କରିଥିଲେ। ଏହା ଜଳ, ଜଙ୍ଗଲ, ଜମି ଓ ଆଦିବାସୀ ଭାଷା, ପ୍ରଥା ପରମ୍ପରା, ସଂସ୍କୃତିର ସୁରକ୍ଷା ପାଇଁ ସଂଗ୍ରାମ ଥିଲା। ସେ ଛୋଟାନାଗପୁର ଅଞ୍ଚଳରେ ହଜାର ହଜାର ଆଦିବାସୀଙ୍କୁ ଏକତ୍ର କରି ସ୍ୱାଭିମାନ ସଚେତନ କରିଥିଲେ। ବିର୍ସାଇଟ ଆନ୍ଦୋଳନ ଦ୍ୱାରା ସାମାଜିକ ସଂସ୍କାର କରିଥିଲେ। ୧୮୯୫ରେ ଗିରଫ ଓ ପରେ ରାଞ୍ଚି କାରାଗାରରେ ଅବରୋଧ ହେବା ପରେ ମଧ୍ୟ ସେ ଲଢ଼େଇ ଜାରି ରଖିଥିଲେ। ୯ ଜୁନ ୧୯୦୦ରେ କେବଳ ୨୫ ବର୍ଷ ବୟସରେ ସେ ଶହୀଦ ହୋଇଥିଲେ। ତାଙ୍କ ବଳିଦାନ ବଳରେ ଛୋଟାନାଗପୁର ଟେନେନ୍ସି ଆଇନ ୧୯୦୮ ପ୍ରବର୍ତ୍ତନ ହୋଇଥିଲା, ଯାହା ଆଜି ମଧ୍ୟ ଆଦିବାସୀ ଜମିର ସୁରକ୍ଷା କରୁଛି। ସାଂସଦ ବିଶି କହିଥିଲେ ଯେ ଦେଶରେ ୧୫ କୋଟିରୁ ଅଧିକ ଆଦିବାସୀ ଅଛନ୍ତି ଏବଂ ସେମାନଙ୍କ ପାଇଁ ବିର୍ସା ମୁଣ୍ଡା ଗୌରବ ଓ ପରିଚୟର ପ୍ରତୀକ। ଭାରତ ସରକାର ୧୫ ନଭେମ୍ବରକୁ ଜନଜାତୀୟ ଗୌରବ ଦିବସ ଘୋଷଣାକୁ ସ୍ୱାଗତଯୋଗ୍ୟ ହେଲେ ଏବେ ଭାରତରତ୍ନ ସମ୍ମାନ ପ୍ରଦାନ କରିବାକୁ ସେ ଦାବି କରିଥିଲେ।

# ବିଭିନ୍ନ ବିଦ୍ୟାଳୟର ବାର୍ଷିକୋତ୍ସବ








### ବେହେରାପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

**ସୋହେଲା, ୩୧(ସମିସ):** ସୋହେଲା ବ୍ଲକ ବେହେରାପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ଦିବାକର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଚନ୍ଦ୍ରଶେଖର ବାରିକ ମୁଖ୍ୟ ଅତିଥି, ସିଆରସିସି କେଦାରନାଥ ସାହୁ ମୁଖ୍ୟବକ୍ତା ଏବଂ ପରିଚାଳନା କମିଟିର ସଭାନେତ୍ରୀ ସ୍ୱର୍ଣ୍ଣକାନ୍ତି ବାଗ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବାର୍ଷିକ ଉତ୍ସବ ପାଇଁ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ଅତିଥି ମାନେ ପ୍ରମାଣ ପତ୍ର ସହିତ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ଜତୀନ୍ଦ୍ର ସାହୁ ସଂଯୋଜନା କରିଥିବା ବେଳେ ସହକାରୀ ଶିକ୍ଷକ ପ୍ରଦୀପ ସାହୁ ସ୍ୱାଗତ ଭାଷଣ ଏବଂ ପ୍ରଧାନଶିକ୍ଷୟିତ୍ରୀ ବିଜୟା ମଗ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାନୀ ବାଗ, ବୃନ୍ଦାବତୀ ମେହେର, ରୀନା ବାଗ ତଥା ଶିକ୍ଷକ ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ।

### ଅରିହନ୍ତ ପବ୍ଲିକ ସ୍କୁଲ

**ପଦ୍ମପୁର:** ପଦ୍ମପୁର ବ୍ଲକ ଅଧୀନ ଜମଲାର ଅରିହନ୍ତ ପବ୍ଲିକ ସ୍କୁଲର ପ୍ରଥମ ବାର୍ଷିକ ପାଳିତ ହୋଇଯାଇଛି। ସ୍କୁଲର ଅଧ୍ୟକ୍ଷ ଲୋକନାଥ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ଖଗେଶ୍ୱର ଦାଶ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଡ.ଦୁର୍ଗାଶିଷ ପଟ୍ଟନାୟକ, ସମ୍ମାନିତ ଅତିଥି ପ୍ରଫେସର ଶ୍ରୀବତ୍ସାବ ଶାସ୍ତ୍ରୀ, ପ୍ରଫେସର ବିରଜା ପ୍ରସାଦ ଦଳପତି, ଭାରପ୍ରାପ୍ତ ବ୍ଲକ ଶିକ୍ଷାଅଧିକାରୀ ଜୟ ସାହୁ, ସ୍ଥାନୀୟ ସରପଞ୍ଚ ଏଶ୍ୱର୍ଯ୍ୟା ପାଣିଗ୍ରାହୀ, ସ୍କୁଲ ସଭାପତି ଗୋବିନ୍ଦ ଦାଶ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ପରିଚାଳନାରେ ଶିକ୍ଷକ ଠାକୁର ସାହୁ, ସହଦେବ ଭୋଇ, ରଜତ ବାରିକ, ଅର୍ଜୁନ ସାହୁ ଏବଂ ଶିକ୍ଷୟିତ୍ରୀ ନିର୍ମଳା ସାବତ, ସେବତୀ ମହାପାତ୍ର, ଚିତ୍ରବତୀ ସାହୁ, ରୁବି ବଡ଼େଇ, ଦୀପାଞ୍ଜଳି ସାହୁ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଶିକ୍ଷକ ଠାକୁର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର

**ଭେଡେନ:** ଭେଡେନ ସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୪୫ ତମ ବାର୍ଷିକ ଉତ୍ସବ ଶିକ୍ଷାକେନ୍ଦ୍ର ପରିସରରେ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ସୁକାନ୍ତି ପରଡିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଭେଡେନ ବିଡିଓ କର୍ଣ୍ଣ ସୁନା ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ବରଗଡ଼ ଜିଲ୍ଲା ଶ୍ରୀଅରବିନ୍ଦ ପାଠଚକ୍ର ସଂଗଠନର ଆବାହକ ରମେଶ ଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଜିଲ୍ଲା କଲ୍ୟାଣ ଅଧିକାରୀ ଗୁରୁଚରଣ ଦାଶ, ପରିଚାଳନା କମିଟିର ଶ୍ରୀଧର ସାହୁ, କ୍ଷୀରେଶ୍ୱର ମେହେର, କୁଳମଣି ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ଗୌର ଛନ୍ଦ ଅତିଥି ପରିଚୟ ଓ ସଭା ପରିଚାଳନା କରିଥିବା ବେଳେ ପ୍ରଧାନଶିକ୍ଷୟିତ୍ରୀ ସୁକାନ୍ତି ପରଡିଆ ବାର୍ଷିକ ବିବରଣୀ ପଠନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ସମ୍ପାଦକ ମଙ୍ଗନିଆଁ ମେହେର ଧନ୍ୟବାଦ ପ୍ରଦାନ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ସମଲେଶ୍ୱରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

**ବରପାଲି:** ବରପାଲି ଏନ୍‌ଏସି ଅଧୀନ ସମଲେଶ୍ୱରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଦ୍ୱିତୀୟ ବାର୍ଷିକ ଉତ୍ସବ 'ସୁର ଝଙ୍କାର' ପାଳିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ମୁକୁନ୍ଦ ମାହରା, ସମ୍ମାନିତ ଅତିଥି ଭାବେ ସମାଜସେବୀ ବିଜେଡି ନେତା ଲାଲ ବିକ୍ରମ ସିଂ ଦେଓ, ସିଆର୍‌ସିସି ରବିନାରାୟଣ ମହାପାତ୍ର, ସ୍କୁଲ ଚେୟାରମ୍ୟାନ ଲୋକନାଥ ପୃଷ୍ଟି ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ସୁନାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଜାତୀୟସ୍ତରୀୟ କ୍ରୀଡାବିତ୍ ଭିନ୍ନକ୍ଷମ ବିଭାଗ ପୂର୍ବତନ ଛାତ୍ର ଅମନ ପଟେଲଙ୍କୁ ସ୍କୁଲ ତରଫରୁ ସମ୍ମାନିତ କରାଯାଇଥିଲା। ସହକାରୀ ଶିକ୍ଷୟିତ୍ରୀ ସଙ୍ଗୀତା ମିଶ୍ର ମାନପତ୍ର ପଠନ କରିଥିଲେ। ୨୦୨୫-୨୬ ପାଇଁ ଶ୍ରେଷ୍ଠ ଛାତ୍ର ଭାବେ ମାଷ୍ଟର ସିବମ ସାହୁ, ବ୍ଲକ ସ୍ତରରେ ବୃତ୍ତି ପରୀକ୍ଷାରେ ପ୍ରଥମ ସ୍ଥାନ ହାସଲ କରିଥିବା ତୃତୀୟ ଶ୍ରେଣୀ ଛାତ୍ରୀ ସୁପ୍ରିୟା ବାରିକ, ଆଦର୍ଶ ବିଦ୍ୟାଳୟ ପାଇଁ ପରୀକ୍ଷା ଦେଇ ବିଦ୍ୟାଳୟରେ ସର୍ବୋଚ୍ଚ ମାର୍କ ରଖିଥିବା ଛାତ୍ର ମାଷ୍ଟର ପ୍ରିନ୍ସ ମେହେର, ଖେଳକୁଦରେ ଚାମ୍ପିଅନ ବାଳକ ବିଭାଗରୁ ମାଷ୍ଟର ସୌମ୍ୟରଞ୍ଜନ ଜାନି ଓ ବାଳିକା ବିଭାଗରୁ ଅର୍ଚ୍ଚିତା ଗଡ଼ତିଆଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କଳା ଶିକ୍ଷକ ସରୋଜ ମେହେର ସଭା ପରିଚାଳନା କରିଥିଲେ। ସହକାରୀ ଶିକ୍ଷକ ମକରଧ୍ୱଜ ଭୋଇ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ତୁଲାଇଥିବା ବେଳେ ଖେଳ ଶିକ୍ଷକ ସୌଭାଗ୍ୟରଞ୍ଜନ ବିଶ୍ୱାଳଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ସ୍କୁଲର ଛାତ୍ରଛାତ୍ରୀଙ୍କ ଦ୍ୱାରା ମୋଟ ୧୫ଟି ନୃତ୍ୟ ଓ ଗୀତ ପରିବେଷିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷା କାର୍ଯ୍ୟାଳୟର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦୁର୍ଯ୍ୟୋଧନ ସିଂ, ସମ୍ମାନିତ ଅତିଥି ଭାବେ ମୁଖ୍ୟ କିରାଣୀ ବୁଦ୍ଧଦେବ ଦାଶ, ବିଆରଟି ମୁକୁନ୍ଦ ମେହେର ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଆଦର୍ଶପଲ୍ଲୀ ବିଦ୍ୟାଳୟ ଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ସହକାରୀ ଶିକ୍ଷୟିତ୍ରୀ ସୁନୀତାରାଣୀ ପ୍ରଧାନ ଧନ୍ୟବାଦ୍ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା ସହକାରୀ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ପାଣିଗ୍ରାହୀ, ବିନୋଦିନୀ ରାଉତ, ଇତିଶ୍ରୀ ତ୍ରିପାଠୀ, ସସ୍ମିତା ଭୋଇ, ପଦ୍ମାବତୀ ବାଗ, ସ୍କୁଲ ପରିଚଳନା କମିଟି ସଦସ୍ୟ ସଙ୍ଗୀତା ରାଉତ, ନିରୁପମା ବେହେରା, ସୁନନ୍ଦା ନାଏକ, ମହାଦେବ ସାହୁ, ନିର୍ବଚନ ଭୋଇ ଓ ମଧ୍ୟାହ୍ନ ଭୋଜନରେ କଳ୍ପନା ଚିହ୍ନା, ହେମଲତା ସାହୁ, ଯଶୋବନ୍ତୀ ଚିହ୍ନା, କୁମୋଦିନୀ ଥପା ସହଯୋଗ କରିଥିଲେ।

